# ଭୁବନେଶ୍ୱର ସିଟି



## ଶିଶୁକନ୍ୟାକୁ ଦୁଷ୍କର୍ମ: ଯୁବକ ଅଟକ

ଭୁବନେଶ୍ୱର, ୧।୭(ସମିସ): ତିନିବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଅଟକ ରଖିଛି ପୁଲିସ। ଘଟଣା ଘଟିଛି ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚ ଗାଁର ଗୋଠ ସାହିରେ। ଗତକାଲି ସନ୍ଧ୍ୟାରେ ଶିଶୁକନ୍ୟା ଖେଳିବାକୁ ଯାଇଥିବା ବେଳେ ଅଭିଯୁକ୍ତ ନିରୋଳା ସ୍ଥାନରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏ ନେଇ ଏୟାରଫିଲଡ୍ ଥାନାରେ ଅଭିଯୋଗ ପରେ ପୁଲିସ ନୂଆ ଆଇନ ଆଧାରରେ ମାମଲା ରୁଜୁକରି ଅଭିଯୁକ୍ତକୁ କାବୁକରିଛି। ସେପଟେ ପୀଡ଼ିତା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଛି। ପୀଡିତାଙ୍କର ପ୍ରଚୁର ମାତ୍ରାରେ ରକ୍ତସ୍ରାବ ହେଉଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଅଭିଯୁକ୍ତଙ୍କ ଭାଇ ଓ ଭିଣୋଇଙ୍କୁ ଉଠେଇ ଆଣି ଥାନାରେ ପଚରାଉଚରା କରିବା ପରେ ଅଭିଯୁକ୍ତକୁ କାବୁ କରାଯାଇଥିଲା।

## ସ୍ୱତନ୍ତ୍ର କାରାଗାରରେ ନୂତନ ଅପରାଧିକ ଆଇନ ସଚେତନତା




ଭୁବନେଶ୍ୱର, ୧।୭(ସମିସ): ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରରେ ଭାରତର ନୂଆକରି ପ୍ରଣୟନ ହେବାକୁ ଯାଉଥିବା ନୂତନ ଅପରାଧିକ ଆଇନ ଯଥା - ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରର ବରିଷ୍ଠ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଅବସରପ୍ରାପ୍ତ କାରାଗାର ଅଧୀକ୍ଷକ ଦାଶରଥି ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ବରିସର, ଜୟଶ୍ରୀ ମହାପାତ୍ର, ସଦସ୍ୟ, ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନ୍ତେବାସୀମାନେ ଉପସ୍ଥିତ ରହି ଏହି ନୂତନ ଆଇନ ବିଷୟରେ ଜ୍ଞାନ ଆହରଣ କରିଥିଲେ। ଶେଷରେ ଉପଖଣ୍ଡ ପରିବୀକ୍ଷଣ ଅଧିକାରୀ ସଂଗ୍ରାମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଟାଇମ୍‌ଲାଇନ୍ ଖୋଲିଲା ବାର୍ ଓ ପବ୍‌ର ମୁଖା

# ସାରାରାତି ବାର୍ ଖୋଲା; ଉଡୁଛି ନକଲି ଟଙ୍କା

ଭୁବନେଶ୍ୱର, ୧।୭(ସମିସ): ଟାଇମ୍‌ଲାଇନ୍ ଖୋଲିଲା ରାଜଧାନୀରେ ଥିବା ବାର୍ ଓ ପବ୍‌ର ମୁଖା। ସୋସିଆଲ ମିଡିଆରେ ବିଳମ୍ବିତ ରାତିର ପୋଷ୍ଟ କରୁଛନ୍ତି ନାଚଗୀତ ଧୁନ୍। ରାତି ବଢ଼ିଲେ, ବାର୍‌ରେ ବଢୁଛି ତାତି। ଫୁଙ୍ଗୁଳା ଦେହରେ ଡ୍ୟାନ୍ସବାର୍ ଉଡୁଛି ନକଲି ଟଙ୍କା; ନାଚରେ ମୁସ୍‌ଗୁଲ ଯୁବପିଢ଼ି। ଡିଜେ ଓ ମଦ ତାଳେ ତାଳେ ଡ୍ୟାନ୍ସ ବାର୍‌ରେ ଝୁମୁଛନ୍ତି। ରାତିତମାମ ଡ୍ୟାନ୍ସବାର୍‌ରେ ବାର୍ ଡ୍ୟାନ୍ସରଙ୍କ ନଗ୍ନ ନୃତ୍ୟ ପରିବେଷଣ। ଏମିତି କଟକଣା ଧଜିଆ ଉଡ଼ାଇ ଚାଲୁଛି ରାଜଧାନୀର ଡ୍ୟାନ୍ସବାର୍। କେବଳ ଡ୍ୟାନ୍ସ ବାର୍ ନୁହେଁ ମଦ ବିକ୍ରି ହେଉଥିବା ପବ୍, ବାର୍ ଓ ମଦ ଦୋକାନଗୁଡ଼ିକ ବି ଚାଲୁଛି। ରାଜଧାନୀରେ ୧୨୦ଟି ବାର୍ ଚାଲୁଛି। ସହରରେ ବାର୍ ଓ ପବ୍ ଦିନ ୧୨ଟାରୁ ରାତି ୧୨ଟା ଚଳାଇବାର ଅନୁମତି ମିଳିଛି। ମାତ୍ର ଅବକାରୀ ବିଭାଗ ନିକଟରେ ଅଧିକ ଟଙ୍କା ପୈଠ କରିବା ପରେ ସପ୍ତାହନ୍ତରେ ଆଉ ଦେଢ଼ ଘଣ୍ଟା ଅଧିକ ବା ରାତି ସାଢ଼େ ୧ଟା ଯାଏଁ ଚଳାଇବାକୁ ଅନୁମତି ମିଳୁଛି। କିନ୍ତୁ ସମୟ ଅବଧି ପରେ ବାର୍‌ଗୁଡ଼ିକରେ ନାଚଗୀତ ଜମୁଥିବା ଦେଖାଯାଉଛି। ଟାଇମ୍‌ଲାଇନ୍‌ରେ ରାତି ୩ଟା ୪୫ ମିନିଟ୍ ତ ଆଉ କାହା ଟାଇମ୍‌ଲାଇନ୍‌ର ଭୋର୍ ୪ଟା ୧୦ ମିନିଟ୍ ଦର୍ଶାଇଛି। ଗୋଟିଏ ପରେ ଗୋଟିଏ ଭିଡିଓ ଭାଇରାଲ୍ ହେବା ପରେ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଭିଡିଓ ଭାଇରାଲ୍ ହେବା ପରେ ସମ୍ପୃକ୍ତ ବାର୍‌କୁ ଯାଇ ସିସିଟିଭି ଫୁଟେଜ୍ ମଗାଯାଇଛି। ଆଇନ୍ ଉଲ୍ଲଂଘନ କରୁଥିଲେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଆବଶ୍ୟକସ୍ଥଳେ ଲାଇସେନ୍ସ ରଦ୍ଦ ଲାଗି ପ୍ରକ୍ରିୟା ଆରମ୍ଭ ହେବ।

**ତଦନ୍ତ ନିର୍ଦ୍ଦେଶ ଦେଲେ ଅବକାରୀ କମିସନର**

**ଅବମାନନା କଲେ ନିଆଯିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ**



ଏନେଇ ଅବକାରୀ କମିସନର୍ ନରସିଂହ ଭୋଳ କହିଛନ୍ତି, ଶନିବାର କିମ୍ବା ରବିବାର ବାର୍‌ଗୁଡ଼ିକୁ ମିଳିଥିବା ଅନୁମତି ସହ ଘଣ୍ଟାଏ କିମ୍ବା ଦେଢ଼ଘଣ୍ଟା ଅଧିକ ଖୋଲିବାକୁ ଅନୁମତି ଦିଆଯାଇଛି। ସମୟ ଅବଧି ସରିବା ପରେ ଯେଉଁ ବାର୍‌ଗୁଡ଼ିକ ଖୋଲା ରହୁଛି, ସେଇ ବାର୍‌ଗୁଡ଼ିକ ଉପରେ ଆଜିଠୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଚାଲିବ। ଯେଉଁ ବାର୍‌ଗୁଡ଼ିକ ଖୋଲା ରହୁଛି, ତତ୍‌କ୍ଷଣାତ୍ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ଯେଉଁମାନେ ବାରମ୍ବାର ଉଲ୍ଲଂଘନ କରିବାର ପ୍ରମାଣ ଆସିବ, ସେମାନଙ୍କ ଲାଇସେନ୍ସ ରଦ୍ଦ କରିବା ଲାଗି ପଦକ୍ଷେପ ନିଆଯିବ। ସେହିପରି ଜନସାଧାରଣଙ୍କ ଠାରୁ ଅଭିଯୋଗ ମିଳିଲେ, ତତ୍‌କ୍ଷଣାତ୍ ଯାଇ ସମ୍ପୃକ୍ତ ବାର୍‌ରେ ଯାଞ୍ଚ କରାଯିବ। ବାର୍ କୌଣସି ପ୍ରକାର ଲାଇସେନ୍ସର ସର୍ତ୍ତର ଉଲ୍ଲଂଘନ କରୁଛନ୍ତି, ତା' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅବକାରୀ ବିଭାଗର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଧିକାରୀମାନେ ସଠିକ୍ ଭାବେ କାର୍ଯ୍ୟ କରିବେନାହିଁ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିସନର୍ ଶ୍ରୀ ଭୋଳ କହିଛନ୍ତି।

### ରେଭ୍‌ପାର୍ଟିରେ ଝୁମୁଛି ରାଜଧାନୀ

ଦିଲ୍ଲୀ, ମୁମ୍ବାଇ ଓ ହାଇଦରାବାଦ ମେଟ୍ରୋ ସିଟି ଭଳି ଭୁବନେଶ୍ୱରର ଚାଲିଚଳଣୀରେ ସାମଞ୍ଜସ୍ୟ ହେବା ସହ ପରିବର୍ତ୍ତନ ଆସୁଛି। ବିଭିନ୍ନ ମେଟ୍ରୋ ସହର ଭଳି ଭୁବନେଶ୍ୱରରେ ରେଭ୍‌ପାର୍ଟି ଚାଲିଲାଣି। ରେଭ୍‌ପାର୍ଟିରେ ଦାମୀ ମଦ, ବ୍ରାଉନ୍‌ସୁଗର, କୋକେନ୍, ହୁକା ଭଳି ନିଶାଦ୍ରବ୍ୟରେ ରହୁଛି। ଯୁବପିଢ଼ି ଏହାକୁ ସେବନ କରି ମତୁଆଲା ହେଉଛନ୍ତି। କେବଳ ଯୁବକ ନୁହନ୍ତି ବରଂ ସମ୍ଭ୍ରାନ୍ତ ଶ୍ରେଣୀର ଯୁବତୀ ମଧ୍ୟ ରେଭ୍‌ପାର୍ଟିରେ ସାମିଲ ହେଉଛନ୍ତି। ଭୁବନେଶ୍ୱର ଅନେକ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ରେଭ୍‌ପାର୍ଟିରେ ସାମିଲ ହୋଇ ନିଶାରେ ଚୂର୍ ରହୁଛନ୍ତି। ସେହିପରି ହୋଟେଲ୍, ବାର୍, ଡ୍ୟାନ୍ସ ବାର୍‌ରେ ଚାଲିଥିବା ରେଭ୍‌ପାର୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଥିବାରୁ ରିସର୍ଟ, ଫାର୍ମହାଉସ୍ ଓ କଲ୍ୟାଣ ମଣ୍ଡପଗୁଡ଼ିକରେ ରେଭ୍‌ପାର୍ଟି ଲାଗି ପାଗ ଭିଡ଼ା ଆରମ୍ଭ ହେଲାଣି। ବିନା ଅନୁମତି ଲାଇଟ୍, ସାଉଣ୍ଡ ଲଗାଇ ମଦ, ନିଶାଦ୍ରବ୍ୟ ନେଇ ମତୁଆଲା ହେଉଛନ୍ତି ଯୁବପିଢ଼ି। ରେଭ୍‌ପାର୍ଟିରେ ଶତାଧିକ ଯୁବକ, ଯୁବତୀ ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହେଉଛନ୍ତି।

### ୬ ସୂତ୍ରୀ ସର୍ତ୍ତାବଳୀ ପାଳନକୁ ଗୁରୁତ୍ୱ

ସ୍ମାର୍ଟସିଟିରେ ଡ୍ୟାନ୍ସବାର୍ ଚଳାଇବା ଲାଗି ଅବକାରୀ ବିଭାଗ ପକ୍ଷରୁ ୬ଟି ସର୍ତ୍ତପାଳନ କରିବାର ନିୟମ ରହିଛି। ବାର୍ ଗାର୍ଲମାନେ ନାଚିବା ବେଳେ ଉତ୍ତେଜନାପୂର୍ଣ୍ଣ ପୋଷାକ ପିନ୍ଧିପାରିବେ ନାହିଁ। ବାର୍‌ର ଡ୍ୟାନ୍ସ ହେଉଥିବା ସ୍ଥାନରେ ସିସିଟିଭି ଲାଗିବା ବାଧ୍ୟତାମୂଳକ, ଡ୍ୟାନ୍ସ କରୁଥିବା ଯୁବତୀ ଓ ଗ୍ରାହକଙ୍କ ମଧ୍ୟରେ ୫ ଫୁଟ୍‌ର ଦୂରତା, ବାର୍ ଗାର୍ଲଙ୍କ ସ୍ୱତନ୍ତ୍ର ପରିଚୟପତ୍ର ରହିବ, ୨୧ ବର୍ଷରୁ କମ୍ ଯୁବତୀଙ୍କୁ ନାଚରେ ନିୟୋଜିତ କରିପାରିବେ ନାହିଁ। ସେଭଳି ବାର୍ ଗାର୍ଲଙ୍କ ଉପରକୁ ଟଙ୍କା ଫିଙ୍ଗି ପାରିବେନି ଗ୍ରାହକ। ଅବକାରୀ ଆଇନ୍ ୪୪(୫)ର ମାର୍ଗଦର୍ଶିକା ଅନୁଯାୟୀ ଏଭଳି ୬ ସୂତ୍ରୀ ସର୍ତ୍ତ ଅନୁପାଳନ କଲେ ବାର୍ ଚାଲିପାରିବ ବୋଲି କୁହାଯାଇଛି। ମାତ୍ର ସର୍ତ୍ତକୁ ମାଟି ତଳେ ଚାପି ଡ୍ୟାନ୍ସ ବାର ଚାଲୁଥିବା ଅଭିଯୋଗ ରହିଛି।

## ବାରଣ୍ଡାରୁ ବାଇକ୍ ଚୋରି; ୩ ଗିରଫ

ବାଲିଅନ୍ତା,୧।୭(ସମିସ): ବାଇକ୍ ଚୋରି ମାମଲାରେ ବାଲିଅନ୍ତା ଥାନା ପୁଲିସ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଣ୍ଟପୁର ଡିହସାହିର ରଜତ ସେଠୀ ଓରଫ ସୁନିଲ (୨୬), ଭିଙ୍ଗାରପୁର ପଣ୍ଡାସାହିର ପବିତ୍ର ବେହେରା (୩୩) ଏବଂ ପଶ୍ଚିମବଙ୍ଗ ରାଜ୍ୟ ମେଦିନାପୁର ଜିଲ୍ଲା ଅଧୀନ କେଶରୀ ଥାନା ଅଞ୍ଚଳର ଆଦିତ୍ୟ ମଣ୍ଡଳ (୨୬)। କୋର୍ଟରେ ସେମାନଙ୍କ ଜାମିନ ଖାରଜ ହୋଇଯିବାରୁ ସମସ୍ତଙ୍କୁ ଝାରପଡ଼ା ଜେଲ୍ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବାଲିଅନ୍ତା ଥାନା ଅନ୍ତର୍ଗତ ବଳଭଦ୍ରପୁରର ଅଜିତ କୁମାର ସାମନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି।ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖ ବିଳମ୍ବିତ ରାତିରେ ରଜତ ଓ ପବିତ୍ର ବଳଭଦ୍ରପୁର ଗ୍ରାମକୁ ଯାଇ ଅଜିତଙ୍କ ଘର ବାରଣ୍ଡାରେ ରଖା ଯାଇଥିବା ତାଙ୍କର ଟିଭିଏସ୍ ଏକ୍ସଏଲ୍ ମଟରସାଇକଲକୁ ଚୋରିକରି ନେଇଯାଇଥିଲେ। ପରେ ଉଭୟ ମିଶି ବେଣ୍ଟପୁର ଠାରେ ଥିବା ଅନ୍ୟଜଣେ ଅଭିଯୁକ୍ତ କବାଡ଼ିଆ ଦୋକାନୀ ଆଦିତ୍ୟ ମଣ୍ଡଳ ଓରଫ ତାରାପଦଙ୍କୁ ଯୋଗାଯୋଗ କରି ୧୫୦୦ ଟଙ୍କାରେ ଉକ୍ତ ଗାଡ଼ିକୁ ବିକ୍ରି କରିଥିଲେ। ତିନିଜଣ ଏକାଠି ମିଶି ଗାଡ଼ିକୁ ଖଣ୍ଡଖଣ୍ଡ କରି କାଟିଥିଲେ। ଏହି ଘଟଣା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବାଲିଅନ୍ତା ଥାନା ପୁଲିସ କବାଡିଆ ଦୋକାନରେ ଚଢ଼ଉ କରିବା ସହିତ ଅଭିଯୁକ୍ତମାନଙ୍କୁ କାବୁ କରିଥିବା ବେଳେ, ସେମାନଙ୍କ ହେପାଜତରୁ ଚୋରା ମଟରସାଇକଲର ବିଭିନ୍ନ ଖଣ୍ଡକୁ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜ ଅପରାଧ ସ୍ୱୀକାର କରିଥିବା ପୁଲିସ କହିଛି।

### ସରିଲା ୩ ଦିନିଆ ହେପାଜତ

## ବେନାମୀ ଆକାଉଣ୍ଟରୁ ମିଳିଲା ପୁଳା ପୁଳା ଟଙ୍କା

ଭୁବନେଶ୍ୱର, ୧।୭(ସମିସ): ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ୩୬ ଲକ୍ଷ ଠକେଇ ମାମଲାରେ ସମ୍ପୃକ୍ତି ରହିଥିବା ୫ ଆନ୍ତଃରାଜ୍ୟ ସାଇବର୍ ଅପରାଧୀଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଜେରାକରିଛି କମିସନରେଟ୍ ପୁଲିସ। ସୋମବାର ହେପାଜତ ଅବଧି ଶେଷ ହୋଇଥିବାରୁ କୋର୍ଟରେ ହାଜର କରି ଜେଲକୁ ପଠାଇ ଦିଆଯାଇଛି। ୩ ଦିନ ଧରି ଜେରା କରିବା ପରେ ୫ ଅପରାଧୀଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଛି। ସେମାନଙ୍କ ୪୦୦ରୁ ଅଧିକ ବେନାମୀ ଆକାଉଣ୍ଟ ଠାବ କରାଯାଇଛି। ସେଥିରେ ପୁଳା ପୁଳା ଟଙ୍କା ରହିଥିବାରୁ ଫ୍ରିଜ କରିବା ହୋଇଛି। ସେହିପରି ଅଭିଯୁକ୍ତମାନେ ସାରା ଦେଶରେ ଏହି ଅପରେଟ୍ ଚଳାଉଥିଲେ। ବେଙ୍ଗାଲୁରୁ ଓ ଓଡ଼ିଶାରେ ରହି ବିଭିନ୍ନ ଦେଶରୁ ଇଡି, ସିବିଆଇ ଓ ନାର୍କୋଟିକ୍ ଅଧିକାରୀଙ୍କ ନାଁ ନେବା ସହ ଡିଜିଟାଲ୍ ଆରେଷ୍ଟ ଧମକରେ ଲୋକଙ୍କ ଠାରୁ ଟଙ୍କା ଚଲୁ କରୁଥିଲେ।

**ସାରା ଦେଶରେ ଚଳାଇଥିଲେ ଅପରାଧର ସାମ୍ରାଜ୍ୟ**

**ଗ୍ୟାଙ୍ଗ୍ ମୁଖିଆକୁ ଧରିବାକୁ ସ୍ୱତନ୍ତ୍ର ଖସଡ଼ା**

**ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ତେଲେଙ୍ଗାନା ପୁଲିସ**

ଧରାପଡ଼ିଥିବା ଗ୍ୟାଙ୍ଗ୍ ମୁଖିଆ ଲାଲେଙ୍ଗ୍ ଜୌଭା କାଇପେଙ୍ଗ ଓରଫ ଡେଞ୍ଜୋ(ବୋଷ୍), ଜିତେନ୍ କାଇପେଙ୍ଗ୍, ସେକ୍ ତାଜୁଦ୍ଦିନ, ମୁଚୁମାରୀ ଚିଟ୍ଟି ବାବୁ ଓ ଏଲ୍‌ଭିସ୍ ତାରା ଓରଫ ଜେମ୍ସଙ୍କୁ କମିସନରେଟ୍ ସହ ତେଲେଙ୍ଗାନା ପୁଲିସର ଏକ ଟିମ୍ ଜେରାକରିଛି। ତେଲେଙ୍ଗାନାରେ ଏମାନେ ଅନେକ ସାଇବର୍ ଅପରାଧରେ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ତେଣୁ ୫ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଯୋଜନା କରାଯାଇଛି। ପ୍ରଥମ ଦଫାରେ ମାରାଥନ୍ ଜେରାକରିବା ସହ ତେଲେଙ୍ଗାନାରେ ଘଟିଥିବା ଅନେକ ସାଇବର୍ ଅପରାଧରେ ଜଡ଼ିତ ରହିଛନ୍ତି। ସେହିପରି ଏହି ଗ୍ୟାଙ୍ଗ୍‌କୁ ଅପରେଟ୍ କରୁଥିବା ମୁଖିଆର ସନ୍ଧାନ ମିଳିଛି। ସେ ଦେଶ ବାହାରେ ଆତ୍ମଗୋପନ କରିଥିବାରୁ ତାକୁ ଧରିବାକୁ ଉଦ୍ୟମ କରାଯାଉଛି। ଏଥିସହ କ୍ରିପ୍ଟୋ ବାଇନାନ୍ସରେ ଥିବା ୧୭୦୦ ଡଲାରର ଖୋଳତାଡ଼ ଜାରିରହିଛି। ପୁଲିସ ସହିତ କିଛି ସାଇବର୍ ବିଶେଷଜ୍ଞ ମଧ୍ୟ ସେମାନଙ୍କୁ ଜେରା କରୁଛନ୍ତି। କେବଳ ତେଲେଙ୍ଗାନା ନୁହେଁ ତ୍ରିପୁରା ଓ ଆସାମ ପୁଲିସ ଭୁବନେଶ୍ୱରକୁ ଆସି ଜେରାକରିବ ବୋଲି ଜଣାପଡ଼ିଛି। ଆସନ୍ତାକାଲି ଏ ସଂକ୍ରାନ୍ତରେ ପୁଲିସ ପକ୍ଷରୁ ଅଧିକ ତଥ୍ୟ ଦିଆଯିବ ବୋଲି ସୂଚନା ମିଳିଛି।

### ପୁଲିସ ପଞ୍ଝାରେ ଟେଲିଗ୍ରାମ୍ ଠକେଇ ଗ୍ୟାଙ୍ଗ୍

ଟେଲିଗ୍ରାମ୍ ଠକେଇ ଆଳରେ ଟଙ୍କା ଲୁଟି ନେଇଥିବା ଏକ ଗ୍ୟାଙ୍ଗ୍‌କୁ ଠାବ କରିଛି କମିସନରେଟ୍ ପୁଲିସ। ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ କିଛି ଅଭିଯୁକ୍ତ ଧରାପଡ଼ିଛନ୍ତି। ଆଉ କିଛି ଫେରାର୍ ରହିଥିବାରୁ ରାଜ୍ୟ ବାହାରକୁ ସାଇବର୍ ଥାନାର ଏକ ଟିମ୍ ଯାଇଛି। ଏଥିରେ ଓଡ଼ିଶା ଯୁବକଙ୍କ ସହ ରାଜ୍ୟ ବାହାର କେତେକ ଯୁବକ ରହିଛନ୍ତି। ଧରାପଡ଼ିଥିବା ଅଭିଯୁକ୍ତଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ଚଢ଼ଉ କରୁଛି। ସେମାନଙ୍କ ଠାରୁ ଅଧିକ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ ସୂରାକ୍ ମିଳିବ ବୋଲି ଆଶା କରାଯାଉଛି।

■ ନିଟ୍ ଅନିୟମିତତା ପ୍ରସଙ୍ଗ

## ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ




ଭୁବନେଶ୍ୱର, ୧।୭(ସମିସ): ନିଟ୍ ଅନିୟମିତତା ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଘେରାଉ କରିଛି ଛାତ୍ର କଂଗ୍ରେସ। ସୋମବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଧିନ ପ୍ରାଚୀ ଏନ୍‌କଲଭ୍‌ରେ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ବାସ ଭବନରେ ପହଞ୍ଚି ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ନାରାବାଜି କରିଥିଲେ। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍‌ଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଏଥିରେ ସାମିଲ ହୋଇ ଧର୍ମେନ୍ଦ୍ରଙ୍କ ବାସଭବନ ଫାଟକରେ ନିଟ୍ ଅନିୟମିତତା ସମ୍ପର୍କିତ ପୋଷ୍ଟର ଲଗାଇ ପ୍ରତିବାଦ ଜଣାଇଥିଲେ। ନିଟ୍‌ରେ ୫ ହଜାର କୋଟି ଟଙ୍କା ଦୁର୍ନୀତି ଅଭିଯୋଗ କରିବା ସହ ଏହି ମହାଦୁର୍ନୀତି ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଶ୍ୟତ ନଷ୍ଟ ହେବାକୁ ବସିଛି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ପୁନର୍ବାର ଏହି ପରୀକ୍ଷା ପାଇଁ ଦାବି କରାଯାଇଛି। ଅନ୍ୟପଟେ ଏ ସମ୍ପର୍କରେ ଖବର ପାଇ ତୁରନ୍ତ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଥାନାକୁ ଉଠାଇ ନେଇଥିଲା। ତେବେ ଏହି ସମୟରେ ପୁଲିସ ଓ ଛାତ୍ର କଂଗ୍ରେସ ସଭାପତିଙ୍କ ମଧ୍ୟରେ ବଚସା ହୋଇଥିଲା।

**ଭାରତୀୟ ନ୍ୟାୟ ସଂହିତା ଆଇନ**



# ବିଏନ୍‌ଏସ୍: ପ୍ରଥମ ଦିନରେ ୭ ମାମଲା

ଭୁବନେଶ୍ୱର, ୧।୭(ସମିସ): ସୋମବାରଠାରୁ ସମଗ୍ର ଦେଶରେ ନୂଆ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଲାଗୁ ହୋଇଛି। ଏହି ଆଇନ ଅନୁଯାୟୀ ଭୁବନେଶ୍ୱର ସହରାଞ୍ଚଳର ଲକ୍ଷ୍ମୀସାଗର ଥାନାରେ ପ୍ରଥମ ମାମଲା ରୁଜୁହୋଇଛି। ଏକ ହତ୍ୟା ମାମଲା ଅଭିଯୋଗ ନେଇ ମାମଲା ରୁଜୁ ହୋଇଛି। ଜଣେ ବୃଦ୍ଧଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ନୂଆ ଆଇନ ଆଧାରରେ ଭୁବନେଶ୍ୱର ସହରାଞ୍ଚଳର ପ୍ରଥମ ଲକ୍ଷ୍ମୀସାଗର ଥାନାରେ ରୁଜୁ କରାଯାଇଛି। ଜଣେ ବୃଦ୍ଧଙ୍କୁ ବିଚ୍ ରାସ୍ତାରେ ଅଟକାଇ ଧାରୁଆ ଅସ୍ତ୍ରରେ ହାଣି ଲହୁଲୁହାଣ କରିଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି। ଲକ୍ଷ୍ମୀସାଗର ଥାନା କେସ୍ ନମ୍ବର ୩୭୦/୨୪ରେ ମାମଲା ରୁଜୁକରି ଏବେ ଭାରତୀୟ ନ୍ୟାୟ ସଂହିତା ତୁରନ୍ତ ମାମଲା ରୁଜୁକରି ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି। ବିଏନ୍‌ଏସ୍ ୧୨୬(୨) ପଥ ଅବରୋଧ କରିବା ଅଟକାଇବା, ବିଏନ୍‌ଏସ୍ ୧୧୫(୨) ବିଚ ଉଦ୍ଦେଶ୍ୟମୂଳକ ଭାବେ ଆଘାତ ଦେବା, ବିଏନ୍‌ଏସ୍ ୧୦୯ ହତ୍ୟା ଉଦ୍ୟମ, ୧୧୮(୧) ସଶସ୍ତ୍ର ଆକ୍ରମଣ, ବିଏନ୍‌ଏସ୍ ୩(୫) ମିଳିମିଶି ଆକ୍ରମଣ କରିବା ଭଳି ଏକାଧିକ ଧାରା ସାମିଲ ହେବା ସହ ମାମଲା ରୁଜୁ ହୋଇଛି। ନୂଆକରି ଆଜି ଲାଗୁ ହୋଇଥିବା ଆଇନ ଅନୁଯାୟୀ ଭୁବନେଶ୍ୱର ସହରାଞ୍ଚଳରେ ଏହା ପ୍ରଥମ ମାମଲା ଭାବେ ପଞ୍ଜିକୃତ ହୋଇଛି।

**ଲକ୍ଷ୍ମୀସାଗର ଥାନାରେ ଭୁବନେଶ୍ୱରର ପ୍ରଥମ ମାମଲା ରୁଜୁ**

**ବରିଷ୍ଠ ନାଗରିକଙ୍କୁ ହତ୍ୟା ଉଦ୍ୟମ ନେଇ ମାମଲା ରୁଜୁ**

### ନୂଆପଲ୍ଲୀ ପୁଲିସ ଦ୍ୱାରା ପ୍ରଥମ ଗିରଫ

ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ମଦ କାରବାର ଜନିତ ମାମଲାରେ ପ୍ରଥମ ଗିରଫଦାରୀ ନୂଆପଲ୍ଲୀ ଥାନା ପୁଲିସ କରିଛି। ବେଆଇନ୍ ମଦ ଚୋରାଚାଲାଣ କରୁଥିବା ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜୟଦେବ ବିହାର ଆମ୍ରାରାମ ବସ୍ତିର କୁନା ସେଠୀ(୨୭)। ତା' ଠାରୁ ୭ ଲିଟର ବିଦେଶୀ ମଦ ଓ ବାଇକ୍ ଜବତ ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ, କୁନା ଏକ ବାଇକରେ ମଦ ନେଇ ଯାଉଥିଲା। ନୂଆପଲ୍ଲୀ ଥାନା ଅଞ୍ଚଳରେ ତାଙ୍କ ବାଇକ ଏକ କାର୍‌କୁ ଧକ୍କା ଦେଇଥିଲା। ଏଥିରେ କାହାର କ୍ଷତି ହୋଇ ନ ଥିଲା। ଘଟଣାସ୍ଥଳକୁ ନୂଆପଲ୍ଲୀ ଥାନା ପୁଲିସ ଯାଇ ତଦନ୍ତ କରିଥିଲା। ନୂଆପଲ୍ଲୀ ଥାନା କେସ୍‌ନମ୍ବର ୩୯୧/୨୪ରେ ମାମଲା ରୁଜୁ କରାଯାଇଥିଲା। ପରେ କୁନା ମଦ ନେଇ ଯାଉଥିବାର ପ୍ରମାଣ ମିଳିଥିଲା। ମଦ ଜବତ କରିବା ସହ କୁନାକୁ ନୂଆପଲ୍ଲୀ ଥାନା ପୁଲିସ ଗିରଫ କରିଥିଲା।

ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୯ ତାରିଖରେ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ମନ୍ଦିରପାଖରେ ଗୌରାଙ୍ଗ ଚରଣ ଦାସ ଯାଉଥିଲେ। ସେଇ ସମୟରେ ତିନି ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ହଠାତ୍ ରାସ୍ତାରେ ଉପରେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ବେକ କଟି ଯାଇଥିଲା। ଥାନାରେ ଅଭିଯୋଗ କଲେ ଅବସ୍ଥା ଖରାପ ହେବ ବୋଲି ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ଦୁର୍ବୃତ୍ତମାନେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରିବା ସହ ବୃଦ୍ଧଙ୍କୁ ଲହୁଲୁହାଣ କରିଥିଲେ। ଏନେଇ ବୃଦ୍ଧଙ୍କ ପୁଅ ରୁଦ୍ରପ୍ରତାପ ଦାସ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ସେପଟେ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା କହିଛନ୍ତି, ନୂଆ ଆଇନ ନେଇ ଆମର ସମସ୍ତ ପୁଲିସ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଏନେଇ ସଫ୍ଟୱେର ଅପଡେଟ୍ ବା ସିସିଟିଏନ୍‌ଏସ୍ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ଦ୍ୱାରା ଅପଡେଟ୍ କରାଯାଇଛି। କେବଳ ଯେ ଆଇନରେ ପରିବର୍ତ୍ତନ ହୋଇଛି ତାହା ନୁହେଁ, ଯେହେତୁ ଏସ୍‌ଓପି ଆସିଛି ୩ ଟି ଯାକ ଆଇନ ନେଇ ଅଧିକ ସଚେତନତା ଅଧିକାରୀଙ୍କ ମଧ୍ୟରେ ହୋଇପାରିବ। ଅଧିକାରୀମାନେ କିପରି ଠିକରେ ଆଇନକୁ ବୁଝି ଏତଲା କରିପାରିବେ ଓ ତଦନ୍ତ କରିପାରିବେ ଏବଂ ନ୍ୟାୟ ଦେବାରେ ସକ୍ଷମ ହେବେ ସେନେଇ ପ୍ରାଧାନ୍ୟ ଦିଆଯାଇଛି।

ଅନ୍ୟପକ୍ଷରେ ନୂଆ ଭାରତୀୟ ନ୍ୟାୟ ସଂହିତା ଲାଗୁହେବାର ପ୍ରଥମ ଦିନରେ ସହରାଞ୍ଚଳର ୭ଟି ମାମଲା ରୁଜୁହୋଇଛି। ମଞ୍ଚେଶ୍ୱରରେ ଦୁଇଟି, ଖଣ୍ଡଗିରି, ତମାଣ୍ଡୋ, ଲକ୍ଷ୍ମୀସାଗର, ସହିଦ ନଗର ଓ ନୂଆପଲ୍ଲୀ ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁହୋଇ ତଦନ୍ତ କରାଯାଉଛି।

### ଆହ୍ୱାନ ସାଜିବ ଡିଜିଟାଲ୍ ପ୍ରମାଣ

ନୂଆ ପୁଲିସ ଆଇନ୍‌ରେ ଡିଜିଟାଲ ଏବଂ ଫୋରେନ୍‌ସିକ୍ ପ୍ରମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭିଡ଼ିଓଗ୍ରାଫି ସହ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣର ଗୁରୁତ୍ୱ ବଢ଼ିଯାଇଛି। ଯାହାକି ଅଭିଯୁକ୍ତକୁ ସଜା ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୀଡ଼ିତାଙ୍କ ବୟାନ ରେକର୍ଡ ସମୟରେ ଭିଡ଼ିଓ ଗ୍ରାଫି ସହ ପୁଲିସ ସର୍ଚ୍ଚ ପାଇଁ ଯିବା ବେଳେ ଭିଡିଓ କରାଯିବ। ଏହି ସବୁ ଭିଡିଓ ଇ-ସାକ୍ଷ୍ୟ ଆପ୍‌ରେ ଅପ୍‌ଲୋଡ୍ କରାଯିବ। ଏହିଭଳି ଫୋରେନ୍‌ସିକ୍ ରିପୋର୍ଟ ଉପରେ ଉପରେ ମଧ୍ୟ ଗୁରୁତ୍ୱ ଅଧିକ ରହିଛି। ସବୁ ଅପରାଧ ସ୍ଥଳକୁ ପୁଲିସ ସହ ଫୋରେନ୍‌ସିକ୍ ଟିମ୍ ଯିବାକୁ ବାଧ୍ୟ। ଫୋରେନ୍‌ସିକ୍ ଟିମ୍ ନମୁନା ସଂଗ୍ରହ ସମୟରେ ଭିଡିଓ ରେକର୍ଡିଂ କରାଯିବ। ଏଭଳି ଭାବେ କମ୍ ସମୟ ମଧ୍ୟ ଫୋରେନ୍‌ସିକ୍ ରିପୋର୍ଟ ଦେବା ଏବେ ଆହ୍ୱାନ ପାଲଟିଛି। ସବୁ ଥାନାର କନ୍‌ଷ୍ଟେବଲଙ୍କୁ ଫୋରେନ୍‌ସିକ୍ ଆସେଟ୍ ଭାବେ ରଖାଯାଇଥିଲେ ମଧ୍ୟ ସେମାନଙ୍କୁ ଦେଖିବାକୁ ମିଳୁଛି। ତେଣୁ ସ୍ୱଳ୍ପ ମାନବ ସମ୍ବଳରେ କିଭଳି ପୁଲିସ ଡିଜିଟାଲ୍ ପ୍ରମାଣ ସଂଗ୍ରହ କରିବ ତାହା ବଡ଼ ପ୍ରଶ୍ନ ହୋଇଛି। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରେ ମାନବସମ୍ବଳ ଅଭାବ ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜି ନଥିବାରୁ ବାହାର ରାଜ୍ୟ ଉପରେ ନିର୍ଭର ହେବାକୁ ପଡୁଛି। ଭୁବନେଶ୍ୱରରେ ନାର୍କୋ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଗୁଜରାଟ ଗାନ୍ଧୀନଗର ଏବଂ ଅନ୍ୟ ରାଜ୍ୟ ଉପରେ ଭରସା କରିବାକୁ ପଡୁଛି।



ରାଜ୍ୟପାଳ-ମୁଖ୍ୟ ସଚିବ ସାକ୍ଷାତ ଆଲୋଚନା



ଗଜପତି ମହାରାଜାଙ୍କ ସହ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ଆଲୋଚନା



ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀମନ୍ଦିର ସେବାୟତଙ୍କ ଆଶୀର୍ବଚନ

### ଗଢ଼ା ଚାଲିଛି ତିନିରଥ...

## ରଥ ଉପରକୁ ଉଠିଲା ଦୁଆରବେଢ଼ା



**ପୁରୀ, ୧୭ (ସମିସ):** ଆଉ ୫ ଦିନ ପରେ ରଥଯାତ୍ରା। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ତିନିରଥ ଉପରକୁ ଉଠିଛି ଦୁଆରବେଢ଼ା। ପ୍ରତ୍ୟେକ ରଥରେ ୪ଟି ଲେଖାଏଁ ମୋଟ ୧୨ଟି ଦୁଆରବେଢ଼ା ଉଠାଯାଇଛି। ଭୋଇ ସେବକମାନେ ମହାରଣା ସେବକଙ୍କ ସହଯୋଗରେ ଏହାକୁ ଉପରକୁ ଉଠାଇଛନ୍ତି। ଏହି ଦୁଇଆବେଢ଼ା ସହ ନାଟଗୋଡ଼ ସଂଯୋଗ କରାଯାଇ ଲଗାଯାଇଛି। ସେହିପରି ତିନିରଥର ବେଦି ସିଂହାସନ ସମେତ ବେଦି ଚତୁଃପାର୍ଶ୍ୱରେ ପଟା ବାଡିଆ ଶେଷ ହୋଇଛି। ଏହାପରେ ପ୍ରତ୍ୟେକ ରଥରେ ରକ୍ଷିପଟା, ଧ୍ୱଜାବତା ଆଦି ଲାଗିବ। ଅନ୍ୟାନ୍ୟ କାମ ମଧ୍ୟରେ ସୋମବାର ରୂପକାରମାନେ ଅନୁକୂଳ କରି ପ୍ରତ୍ୟେକ ରଥର ପ୍ରଭାରେ ରାହୁରୂପ ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ବିଭିନ୍ନ ଅଂଶରେ ରଙ୍ଗ ଦେଉଥିବା ବେଳେ ଶିଖର ଡମ୍ବରୁ (ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ) ରଙ୍ଗ କାମ ଶେଷ କରି ପ୍ରତି ରଥର ପାର୍ଶ୍ୱ ଦେବଦେବୀ, ସଖୀ, ହଂସପଟା, ସିଂହାସନରେ ରଙ୍ଗ ଦେଉଛନ୍ତି। ସେହିପରି ରଥରେ ସେଟିଙ୍ଗ ହୋଇଥିବା ଗୁଜଗୁଡ଼ିକରେ ରୂପ ଚିତ୍ର କାର୍ଯ୍ୟ ଜାରି ରଖିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦରଜୀ ସେବକମାନେ ରଥକନାରେ ଲେସ୍ ଫିଟିଙ୍ଗ ସହ ଫୁଲ ପକା କାମ ଜାରି ରଖିଛନ୍ତି। ଏଥିସହ ତିନିରଥର ଘେର କାମ, ଦୁଆରବେଢ଼ା ଏବଂ ବତା କାମ ମଧ୍ୟ ଶେଷ କରିଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ପ୍ରଭା କଣ୍ଟା, ସିଂହାସନ ଗଣ୍ଠି କଣ୍ଟା ଏବଂ ଧ୍ୱଜବତା କଣ୍ଟା ନିର୍ମାଣ କରିଛନ୍ତି।

# ସାଇବର ଠକଙ୍କ ଟାର୍ଗେଟ୍‌ରେ ରଥଯାତ୍ରା

**ଭୁବନେଶ୍ୱର,୧୭ (ସମିସ):** ସାଇବର୍ ଠକଙ୍କ ଟାର୍ଗେଟ୍‌ରେ ରଥଯାତ୍ରା। ରଥଯାତ୍ରା ପାଇଁ ଏବେ ପୁରୀକୁ ଦେଶ ବିଦେଶରୁ ଲୋକଙ୍କ ସୁଅ ଛୁଟିବ। ତେଣୁ ଏହି ମୌକାରେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଠକିବା ପାଇଁ ସାଇବର୍ ଠକମାନେ ବଡ଼ଧରଣର ଯୋଜନା କରିଛନ୍ତି। ବିଶେଷକରି ପୁରୀରେ ଥିବା ବଡ଼ବଡ଼ ହୋଟେଲ, ଲଜ୍ ଉପରେ ସେମାନେ ଆଖି ପକାଇଛନ୍ତି। ପର୍ଯ୍ୟଟକମାନେ ପୁରୀରେ ରହିବା ପାଇଁ ଅନ୍‌ଲାଇନ୍‌ରେ ହୋଟେଲ ବୁକ୍ କରୁଥିବାରୁ ସାଇବର୍ ଠକ ଏବେ ବିଭିନ୍ନ ହୋଟେଲ ନାଁରେ ନକଲି ୱେବ୍‌ସାଇଟ୍ ଖୋଲି ଠକେଇ ପାଇଁ ଜାଲ ବଛାଇଛନ୍ତି। ଯିଏ ସଠିକ୍ ଅନୁସନ୍ଧାନ ନ କରି ହୋଟେଲ ବୁକ୍ କରିବେ, ସେମାନେ ଏହି ଠକଙ୍କ ଦ୍ୱାରା ଶିକାର ହେବେ। କେବଳ ଗତ ୧୧ମାସରେ ଏଭଳି ୨ଶହରୁ ଅଧିକ ମାମଲା ଦେଖିବାକୁ ମିଳିଛି। ଆଗକୁ ଏଭଳି ରଥଯାତ୍ରା ଥିବାରୁ ଠକେଇ ବଢ଼ିବ। ତେଣୁ ଗତବର୍ଷ ଭଳି ଓଡ଼ିଶା ପୁଲିସ ହୋଟେଲ କର୍ମଚାରୀ ଏବଂ ପର୍ଯ୍ୟଟକଙ୍କୁ ସଚେତନ କରିଛନ୍ତି। ଏଭଳି ନକଲି ୱେବ୍‌ସାଇଟ୍ ହୋଟେଲ ନାମରେ ଖୋଲା ହୋଇଥିବା ଜାଣିବା ପରେ ପୁଲିସକୁ ଜଣାଇବାକୁ କୁହାଯାଇଛି।

■ ନକଲି ହୋଟେଲ ବୁକିଂ ୱେବ୍‌ସାଇଟ୍ ଖୋଲି ଜାଲ ବିଛାଇଛନ୍ତି
■ ଅନ୍‌ଲାଇନରେ ରୁମ୍ ବୁକ୍ କଲେ ଠକାମିର ଶିକାର ହେଉଛନ୍ତି ପର୍ଯ୍ୟଟକ
■ ୧୧ମାସରେ ୨ଶହରୁ ଅଧିକ ମାମଲା
■ ହୋଟେଲ୍ ମାଲିକ ଓ ପର୍ଯ୍ୟଟକଙ୍କୁ ସଚେତନ କରାଇଲା ପୁଲିସ



ଅପରପକ୍ଷେ, ପର୍ଯ୍ୟଟକଙ୍କ ମଧ୍ୟ ପୁଲିସ ସଚେତନ କରିଛି। ୱେବ୍‌ସାଇଟ୍‌ରେ ରୁମ୍ ଦେଖିବା ପରେ ହୋଟେଲ କର୍ମଚାରୀଙ୍କ ସହ ଯୋଗାଯୋଗ କରିବେ। ବିନା ଯୋଗାଯୋଗରେ କୌଣସି ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ କରିବାକୁ ପୁଲିସ ମନା କରିଛି।

ପୁରୀକୁ ପ୍ରତିଦିନ ହଜାର ହଜାର ଦର୍ଶକ ଆସୁଥିବା ସାଇବର ଠକ ପୁରୀର ଏକାଧିକ ହୋଟେଲ୍ ନାମରେ ନକଲି ୱେବ୍‌ସାଇଟ୍ ଖୋଲି ଠକୁଛନ୍ତି। ତେଣୁ ଏଭଳି ଠକେଇ ପୁରୀରେ ସର୍ବାଧିକ ହେବା ପରେ ଏବେ ଭୁବନେଶ୍ୱରରେ ହେଉଛି। ଏଭଳି ଠକେଇ ଅଧିକ ମାତ୍ରାରେ ହେଉଥିବାରୁ ପୁଲିସର ଚିନ୍ତା ବଢ଼ିଛି। ତେଣୁ ପୁଲିସ ଲୋକଙ୍କୁ ସଚେତନ କରିବା ସହ ନକଲି ୱେବ୍‌ସାଇଟ୍ ବନ୍ଦ କରିବା ପାଇଁ ପ୍ରୟାସ କରିଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସାଇବର ଏକ୍ସପର୍ଟ ସହ ଆଲୋଚନା କରିଛନ୍ତି। ସେମାନଙ୍କ ମତ ଅନୁସାରେ ନକଲି ୱେବ୍‌ସାଇଟ୍ ବନ୍ଦ କରିବା ପାଇଁ ପ୍ରୟାସ କରାଯିବ ବୋଲି ପୁଲିସ କହିଛି।

## ପୁରୀ ରଥଯାତ୍ରା ପାଇଁ ୯୦ ଅଧିକାରୀଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୧୭ (ସମିସ):** ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପାଳନ କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ନିୟୋଜିତ ଥିବା ୯୦ ଜଣ ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀଙ୍କୁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ୩ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଅଧିକାରୀମାନେ ପୁରୀ ଜିଲ୍ଲାରେ ନିଯୁକ୍ତ ରହିବେ। ବିଭିନ୍ନ ଜିଲ୍ଲାରେ ତହସିଲଦାର, ବିଡିଓ ଓ ସହରାଞ୍ଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଏହି ଅଧିକାରୀମାନେ ମୁଖ୍ୟତଃ ଆଇନଶୃଙ୍ଖଳା ବ୍ୟବସ୍ଥା ତଦାରଖ ପାଇଁ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

## ରାଜ୍ୟରେ କମିବ ବର୍ଷା

**ଭୁବନେଶ୍ୱର, ୧୭ (ସମିସ):** ସୋମବାର ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରକୋପ ହ୍ରାସ ପାଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହେବା ଯୋଗୁଁ ବର୍ଷା କମିଛି। ଯଦିଓ ସୋମବାର ଭୁବନେଶ୍ୱର ସମେତ କିଛି କିଛି ସ୍ଥାନରେ ବର୍ଷା ହୋଇଛି, ମଙ୍ଗଳବାରଠାରୁ ବର୍ଷାର ପ୍ରକୋପ ଆହୁରି ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ କିଛି କିଛି ବର୍ଷା ହୋଇପାରେ ବୋଲି କେନ୍ଦ୍ର କହିଛି। ଦୁଇଦିନର ବ୍ରେକ୍ ପରେ ପୁଣି ୪ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୭ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ ବୋଲି ବିଭିନ୍ନ ମଡେଲ ଆକଳନ କରିଛନ୍ତି। ଅନ୍ୟପଟେ, ଜୁନ୍ ଶେଷ ସୁଦ୍ଧା ଉତ୍ତର-ପୂର୍ବ ଭାରତର ଅନେକ ରାଜ୍ୟରେ ପ୍ରବଳ ବର୍ଷା ହେଉଥିବା ବେଳେ ଓଡ଼ିଶାରେ କିନ୍ତୁ ସ୍ଥିତି ଅଲଗା ରହିଛି। ଏହି ସମୟରେ ମଧ୍ୟ ରାଜ୍ୟରେ ଗୋଟିଏ ଜିଲ୍ଲାରେ ୬୭ ପ୍ରତିଶତ ନିଅଁଣ୍ଟିଆ ବର୍ଷା ରେକର୍ଡ ହୋଇଥିବା ବେଳେ ୧୬ଟି ଜିଲ୍ଲାରେ ୨୦ରୁ ୫୯ ପ୍ରତିଶତ ନିଅଁଣ୍ଟିଆ ବର୍ଷା ରେକର୍ଡ ହୋଇଛି। ଆଗକୁ ଆସୁଥିବା ଲଘୁଚାପ ପ୍ରଭାବରେ ବର୍ଷା ଭରଣା ହେବା ଆଶା କରାଯାଉଛି। ସୂଚନା ଥାଉକି, ସୋମବାର ଜଗତସିଂହପୁରରେ ୨୦ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୧୧ ଓ ସମ୍ବଲପୁରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି।

## ଏମ୍ସ ଶିଶୁ ବିଭାଗକୁ ଆରୋଗ୍ୟ ଭୂଷଣ ସମ୍ମାନ

**ଭୁବନେଶ୍ୱର, ୧୭ (ସମିସ):** ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗ (ଶିଶୁରୋଗ ପଲ୍‌ମୋନୋଲୋଜି ଏବଂ ଆଇସିୟୁ ଦଳକୁ) ରି-ଥିଙ୍କ୍ ଇଣ୍ଡିଆ ଦ୍ୱାରା ଖ୍ୟାତିସମ୍ପନ୍ନ ଡକ୍ଟର କେଶବ ବଳିରାମ ହେଡ୍‌ଗେୱାର ଆରୋଗ୍ୟ ଭୂଷଣ ସମ୍ମାନ ପ୍ରଦାନ କରାଯାଇଛି। ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ ତଥା ନୂତନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ସ୍ୱରୂପ ଏମ୍ସର ଶିଶୁରୋଗ ବିଭାଗକୁ ଏପରି ସମ୍ମାନ ପ୍ରଦାନ କରାଯାଇଛି।




ନୂଆଦିଲ୍ଲୀ ଇଣ୍ଡିଆ ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭାଗ ତରଫରୁ ପ୍ରଫେସର ଡା. ରଶ୍ମି ରଂଜନ ଦାସ ଓ ଅତିରିକ୍ତ ପ୍ରଫେସର୍ ଡା. କୃଷ୍ଣମୋହନ ଗୁଲା ଏହି ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ତଥା ବେସରକାରୀ କ୍ଷେତ୍ରରୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଏହି ସମାରୋହରେ ଦେଶର ବହୁ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ପୁରସ୍କାରକୁ ନେଇ ଖୁସିବ୍ୟକ୍ତ କରିବା ସହ ଶିଶୁରୋଗ ବିଭାଗ ଓ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

### ଅଭିନବ ବ୍ରୋଙ୍କୋସ୍କୋପିକ୍ ପ୍ରକ୍ରିୟା ଦ୍ୱାରା ଶିଶୁର ଜୀବନ ବଞ୍ଚାଇଥିଲେ ଏମ୍ସ ଡାକ୍ତରୀ ଦଳ

ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗର ଶିଶୁରୋଗ ପଲ୍‌ମୋନୋଲୋଜି ଓ ଆଇସିୟୁ ଦଳ ନିକଟରେ ଅଭିନବ ବ୍ରୋଙ୍କୋସ୍କୋପିକ୍ ପ୍ରକ୍ରିୟା ଦ୍ୱାରା ଜଣେ ୯ବର୍ଷୀୟ ବାଳକର ଫୁସଫୁସ୍ ବାମପାର୍ଶ୍ୱରୁ ପ୍ରାୟ ୪ ସେମି ଲମ୍ବାର ଏକ ତୀକ୍ଷ୍ଣ ସିଲେଇ ଛୁଞ୍ଚିକୁ ସଫଳତାର ସହିତ ବାହାର କରିଥିଲେ। ଏହି ପଦ୍ଧତି ଫଳରେ ଉକ୍ତ ବାଳକକୁ ଏକ ଜଟିଳ ଅସ୍ତ୍ରୋପଚାରରୁ ମୁକ୍ତି ମିଳିବା ସହିତ ଜୀବନ ବଞ୍ଚାଇ ପାରିଥିଲେ ଡାକ୍ତରୀ ଟିମ୍। ସ୍ୱାସ୍ଥ୍ୟସେବାରେ ଏପରି ଅଭିନବ ଜୀବନରକ୍ଷାକାରୀ ପ୍ରକ୍ରିୟା ପ୍ରୟୋଗ ସ୍ୱରୂପ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି।

### ■ ଲାଗୁ ହେଲା ଭାରତୀୟ ନ୍ୟାୟ ସଂହିତା

## ରାଜଧାନୀରେ ରାଜ୍ୟର ପ୍ରଥମ ମାମଲା ରୁଜୁ

**ଭୁବନେଶ୍ୱର, ୧୭ (ସମିସ):** ସାରା ଦେଶରେ ଗତକାଲି ମଧ୍ୟରାତ୍ରିରୁ ନୂଆ ଆପରାଧିକ ଆଇନ କାର୍ଯ୍ୟକାରୀ ହେବା ପରେ ଆଜି ରାଜଧାନୀ ଭୁବନେଶ୍ୱରରେ ନୂଆ ଆଇନ ଆଧାରରେ ପ୍ରଥମ ମାମଲା ରୁଜୁ ହୋଇଛି। ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଲକ୍ଷ୍ମୀସାଗର ଥାନାରେ ଏହି ମାମଲା ରୁଜୁ ହୋଇଛି। ଗୌରାଙ୍ଗ ଚରଣ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଜୁନ୍ ୨୯ ତାରିଖ ରାତି ପ୍ରାୟ ୮ଟା ୧୫ରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଗୌରାଙ୍ଗଙ୍କୁ ଚିନ୍ତାମଣିଶ୍ୱର ମନ୍ଦିର ପ୍ରଥମ ଲେନ୍ ପାଖରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ବ୍ଲେଡ୍‌ରେ ଗୌରାଙ୍ଗଙ୍କ ବେକକୁ କାଟି ପକାଇଥିଲେ। ଅଭିଯୋଗ ଆଧାରରେ ପୁଲିସ ନୂଆ ଆଇନ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁଯାୟୀ ୧୨୬(୨), ୧୧୫(୨), ୧୦୯(୧) ଓ ୩(୫)ରେ ମାମଲା ରୁଜୁ କରାଯାଇଛି।

■ ନୂଆ ଆଇନର ସମୀକ୍ଷା କଲେ ଡିଜିପି
■ ଥାନା ଅଫିସରଙ୍କୁ ସହଯୋଗ ପାଇଁ ହେଲ୍ପ-ଡେସ୍କ

ଅପରପକ୍ଷେ, ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ ଷଡ଼ଙ୍ଗୀ ଆଜି ଏହି ନୂଆ ଆଇନର ସମୀକ୍ଷା କରିଛନ୍ତି। ଏ ସଂପର୍କରେ ସେ ବରିଷ୍ଠ ପୁଲିସ୍ ଅଧିକାରୀ ଏବଂ ଏକ୍ସପର୍ଟଙ୍କ ସହ ଆଲୋଚନା କରିଛନ୍ତି। ଆଇନ ଲାଗୁ ହେବା ପରେ କେଉଁଠି ସମସ୍ୟା ହେଉଛି, ସିସିଟିଏନ୍‌ଏସ୍‌ରେ କ'ଣ ବ୍ୟବସ୍ଥା କରାଯାଇଛି ଆଦି ଅନେକ ବିଷୟରେ ଆଲୋଚନା କରିଛନ୍ତି ଡିଜିପି।

ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ ଆମେ ୧୦୦ଜଣ ମାଷ୍ଟର୍ ଟ୍ରେନରଙ୍କୁ ଏ ସଂପର୍କରେ ଟ୍ରେନିଂ ଦେଇଛୁ। ଏହି ମାଷ୍ଟର ଟ୍ରେନରମାନେ ବିଭିନ୍ନ ଜିଲ୍ଲାରେ ଏକାଧିକ ଅଫିସରଙ୍କୁ ଟ୍ରେନିଂ ଦେଉଛନ୍ତି। ଓଡ଼ିଶା ପୁଲିସର ସମସ୍ତ ତଦନ୍ତ ଅଧିକାରୀମାନେ ଟ୍ରେନିଂ ପାଇସାରିଛନ୍ତି। ଆଗକୁ ଏହି ଆଇନକୁ ନେଇ କିଛି ସନ୍ଦେହ ଆସିଲେ, ଏହାର ସମାଧାନ ପାଇଁ ହେଲ୍ପ-ଡେସ୍କ ଖୋଲାଯାଇଛି। ପୁଲିସର ବର୍ତ୍ତମାନ ସବୁ କାର୍ଯ୍ୟ କମ୍ପ୍ୟୁଟର୍ ମାଧ୍ୟମରେ ହେଉଛି। ସିସିଟିଏନ୍‌ଏସ୍‌ରେ ସବୁ ଏଫ୍‌ଆଇଆର ପଞ୍ଜୀକରଣଠାରୁ ପୁଲିସର ଫାଇନାଲ ରିପୋର୍ଟ ମଧ୍ୟ ଅପ୍‌ଲୋଡ୍ କରାଯାଉଛି। ସିସିଟିଏନ୍‌ଏସ୍ ଟ୍ରେନିଂ ପୁଲିସକୁ ଆବଶ୍ୟକତା ପଡୁଛି। ଷ୍ଟେଟ୍ କ୍ରାଇମ୍ ରିପୋର୍ଟ ବ୍ୟୁରୋରେ ଥିବା ନିର୍ଦ୍ଦେଶକ ସେ ଦାୟିତ୍ୱ ନେଇଥିଲେ। ସେ ସମସ୍ତ ଅଫିସର୍‌ମାନଙ୍କୁ ସିସିଟିଏନ୍‌ଏସ୍‌ରେ ଟ୍ରେନିଂ ଦିଆସରିଛି।

## ୧୫ରୁ ହାଇକୋର୍ଟରେ ମାମଲା ଓ ଦସ୍ତାବିଜ୍‌ର ଇ-ଫାଇଲିଂ ବାଧ୍ୟତାମୂଳକ

**କଟକ, ୧୭ (ସମିସ):** ଆସନ୍ତା ଜୁଲାଇ ୧୫ରୁ ଓଡ଼ିଶା ହାଇକୋର୍ଟରେ ମାମଲାଗୁଡ଼ିକର ଇ-ଫାଇଲିଂକୁ ବାଧ୍ୟତାମୂଳକ କରାଯାଇଛି। ମାମଲା ସହ ଅନ୍ୟ ଦସ୍ତାବିଜ୍‌ଗୁଡ଼ିକ ବି ଇ-ଫାଇଲିଂ କରାଯିବ ବୋଲି ହାଇକୋର୍ଟ ପକ୍ଷରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଇ-ଫାଇଲିଂ ପୋର୍ଟାଲ ୩.୦ ଜରିଆରେ ଏହା କରିବାକୁ କୁହାଯାଇଛି। ଏହି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଆଇନଜୀବୀ ଓ ସେମାନଙ୍କ ସହାୟକମାନଙ୍କ ପାଇଁ ହାଇକୋର୍ଟ ପରିସରରେ ଏକ ସ୍କାନିଂ ସେଣ୍ଟର୍ କରାଯାଇଛି। ହାଇକୋର୍ଟ ୱେବ୍‌ସାଇଟ୍‌ରେ ଇ-ଫାଇଲିଂ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ତଥା ମାର୍ଗଦର୍ଶିକା ଉପଲବ୍ଧ ହୋଇଛି। ସେହିପରି ଇ-ଫାଇଲିଂ କ୍ଷେତ୍ରରେ ଅସୁବିଧା ହେଲେ, ସତ୍ୟନାରାୟଣ ସାହୁ(୮୯୧୭୩୯୨୭୨୩), ପ୍ରଭାକର ବେହୁରା (୭୦୦୮୧୭୧୧୪୪), ଅଶୋକ ମଲ୍ଲିକ (୯୪୩୭୮୭୦୮୭୩), ସୁଜିତ ରଞ୍ଜନ ସାହୁ (୬୩୭୧୧୮୫୫୬୯) ଓ ଶୁଭରଞ୍ଜନ ମନ୍ତ୍ରୀଙ୍କୁ ୯୭୭୮୨୬୦୩୧୮) ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ସେହିପରି ଆଇନଜୀବୀ ଓ ସେମାନଙ୍କ କିରାଣିଙ୍କ ପାଇଁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## +୨ ନାମଲେଖା ଆବେଦନ ଅବଧି ୧୨ ଯାଏଁ ବୃଦ୍ଧି

**ଭୁବନେଶ୍ୱର, ୧୭ (ସମିସ):** +୨ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ଅବଧିକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ଜୁଲାଇ ୬ ଥିବାବେଳେ ଏହାକୁ ବଢ଼ାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ୨୦ ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୨ ରୁ ୨୭ ତାରିଖ ମଧ୍ୟରେ ନାମଲେଖାଇପାରିବେ। ପ୍ରଥମ ପର୍ଯ୍ୟାୟରେ ନାମଲେଖାଇଥିବା ଛାତ୍ରଛାତ୍ରୀମାନେ ଅନ୍ୟ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ ୨୨ରୁ ୩୦ ତାରିଖ ମଧ୍ୟରେ ସ୍ଲାଇଡ୍ ଅପ୍ ଅପସନ୍ ଦେଇପାରିବେ। ଏହାପରେ ଅଗଷ୍ଟ ୫ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୭ ରୁ ୧୦ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଅନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନରେ ସ୍ପଟ୍ ନାମଲେଖାରେ ଅଂଶଗ୍ରହଣ କରିବା ପାଇଁ ଅଗଷ୍ଟ ୧୨ରୁ ୧୪ ତାରିଖ ଯାଏଁ ଚଏସ୍ ଲକିଂ କରିପାରିବେ। ଅଗଷ୍ଟ ୨୦ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ ତାରିଖ ମଧ୍ୟାହ୍ନରୁ ୨୮ ତାରିଖ ଅପରାହ୍ଣ ୬ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଗତ ଜୁନ୍ ୭ ତାରିଖ ଠାରୁ ଆବେଦନ ଆରମ୍ଭ ହୋଇଛି। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ପଢ଼ିବାକୁ ଆଗ୍ରହୀ ଛାତ୍ରଛାତ୍ରୀମାନେ ସାମ୍ସ ୱେବସାଇଟ୍ www.samsodisha.gov.in ରେ ଆବେଦନ କରିପାରିବେ। କଳା ବିଭାଗରେ ୨ଲକ୍ଷ ୯୪ହଜାର ୮୪୦ ଟି ସିଟ୍ ଥିବାବେଳେ ବିଜ୍ଞାନରେ ୧ଲକ୍ଷ ୬୬ହଜାର ୯୨୯, ବାଣିଜ୍ୟରେ ୪୦ହଜାର ୧୦୪, ସଂସ୍କୃତରେ ୧୩ ହଜାର ୦୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦ହଜାର ୫୦୪ ସିଟ୍ ଉପଲବ୍ଧ ରହିଛି। ସାଧାରଣ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି' ୨ଶହ ଟଙ୍କା ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ପାଇଁ ଶହେ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଓ ଅନାଥ ପିଲାଙ୍କ ପାଇଁ ଆବେଦନ ନିଶୁଳ୍କ କରାଯାଇଛି। ନାମଲେଖା ସରିବା ପୂର୍ବରୁ ଅଗଷ୍ଟ ପହିଲାରୁ +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

● ଜୁଲାଇ ୨୦ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା
● ଅଗଷ୍ଟ ୫ରେ ଦ୍ୱିତୀୟ ଓ ୨୦ରେ ସ୍ପଟ୍ ମେରିଟ ଲିଷ୍ଟ

### ନନ୍ଦନକାନନ ପାଇଁ ଖୁସି ଖବର

## ମା' ହେବ ଧଳାବାଘ ମୌସୁମୀ

**ବାରଙ୍ଗ, ୧୭ (ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଧଳା ବାଘୁଣୀ ମୌସୁମୀ ପ୍ରଥମଥର ମା' ହେବାକୁ ଯାଉଛି। ସେ ଗର୍ଭଧାରଣ କରିଥିବା ବେଳେ ଆଉ ମାତ୍ର ୪୦ ଦିନ ପରେ ଶାବକ ଜନ୍ମ ଦେବ ବୋଲି ସୂଚନା ମିଳିଛି। କିନ୍ତୁ ମୌସୁମୀ ମା' ହେବାର ସୂଚନା ମିଳିବା ପରେ କର୍ତ୍ତୃପକ୍ଷ ଯେତିକି ଖୁସି ଅଛନ୍ତି, ତା'ଠାରୁ ଦୁଇଗୁଣ ଚିନ୍ତାରେ। କାରଣ ପୂର୍ବରୁ ଦୁଇ ଦୁଇଥର ଗର୍ଭବତୀ ହୋଇ ମଧ୍ୟ ମା' ହେବାରୁ ବଞ୍ଚିତ ହୋଇଛି ମୌସୁମୀ।

ସୂଚନାଯୋଗ୍ୟ ଯେ, ଧଳା ବାଘୁଣୀ ସେହ୍ନା ଓ ମହାବଳ ବାଘ ମନୀସର ମିଳନରୁ ୨୦୧୬ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ମୌସୁମୀ ଜନ୍ମ ହୋଇଥିଲା। କର୍ତ୍ତୃପକ୍ଷ ପ୍ରଥମ କରି ୨୦୨୨ ମସିହା ନଭେମ୍ବରରେ ମୌସୁମୀ ସହ ହାଇଦ୍ରାବାଦରୁ ଆସିଥିବା ଧଳା ବାଘ ସାହିଲର ମିଳନ କରାଇଥିଲେ। ମୌସୁମୀ ଗର୍ଭବତୀ ହୋଇଥିଲା କିନ୍ତୁ ଶେଷ ସମୟରେ ପେଟରେ ଗର୍ଭ ନ ଥିଲା। ସେହିପରି ୨୦୨୩ ମସିହାରେ ମଧ୍ୟ ସାଧାରଣ ବାଘ ସେଫ୍ ସହିତ ମୌସୁମୀର ମିଳନ କରାଯାଇଥିଲେ ମଧ୍ୟ ମା' ହେବାରୁ ବଞ୍ଚିତ ରହିଥିଲା ମୌସୁମୀ। ଚଳିତ ବର୍ଷ କର୍ତ୍ତୃପକ୍ଷ ପୁଣି ମୌସୁମୀ ସହିତ ବାଘ ରାଜେଶକୁ ମିଳନ କରାଇଥିଲେ। ସୋମବାର ଦିନ ଓୟୁଏଟିର ସ୍ୱାସ୍ଥ୍ୟ କମିଟି ଏବଂ ପ୍ରାଣୀ ଉଦ୍ୟାନ ଚିକିତ୍ସକ ମୌସୁମୀ ରହୁଥିବା ୨୨ ନମ୍ବର ଖୁଆଡ଼କୁ ଯାଇ ମୌସୁମୀକୁ ନିଶା ଇଞ୍ଜେକସନ ଦିଆଯାଇ ଅଲଟ୍ରାସାଉଣ୍ଡ କରାଯାଇଥିଲା। ଜଣାପଡ଼ିଥିଲା ଯେ ମୌସୁମୀ ଗର୍ଭବତୀ ଅଛି ଓ ସେ ମା' ହେବାକୁ ଯାଉଛି। ଆଉ ୪୦ ଦିନ ପରେ ସେ ଶାବକ ଜନ୍ମ ଦେବ ବୋଲି ଆଶା ବାନ୍ଧିଛନ୍ତି କର୍ତ୍ତୃପକ୍ଷ। ଏହି ଖବର ଜଣାପଡ଼ିବା ପରେ କର୍ତ୍ତୃପକ୍ଷ ମୌସୁମୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି।



ଅନ୍ୟପଟେ ଏହି ସପ୍ତାହରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ରାଞ୍ଚି ଚିଡ଼ିଆଖାନାରୁ କିଛି ଜୀବଜନ୍ତୁ ଆଣିବାକୁ ଯୋଜନା କରିଥିବା ବେଳେ ନନ୍ଦନକାନନରୁ ଗୋଟିଏ ଧଳା ବାଘୁଣୀ ଦେବାର ଅଛି। ତେବେ ଏହି ଧଳା ବାଘୁଣୀ ମୌସୁମୀକୁ ରାଞ୍ଚି ଚିଡ଼ିଆଖାନାକୁ ଦେବା ପାଇଁ ଯୋଜନା କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି।

## ବାଘ ଛାଲ ଡିଲ୍ ବେଳେ ଧରାପଡ଼ିଲା ଶିକାରୀ

**ଭୁବନେଶ୍ୱର, ୧୭ (ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଖାମରଶାଳରେ ବାଘ ଛାଲ ଡିଲ୍ ବେଳେ ଜଣେ ଶିକାରୀକୁ କାବୁ କରିଛି ଏସ୍‌ଟିଏଫ। ଗିରଫ ଶିକାରୀ ହେଲେ, ନୂଆଗାଁ ସୋରଦା ଅଞ୍ଚଳର ବୈକୁଣ୍ଠ ଓରଫ୍ ବୈରାଗୀ ବେହେରା। ତା' ନିକଟରୁ ଏକ ବାଘଛାଲ ଜବତ କରାଯାଇଛି। ଜବତ ବାଘ ଛାଲ ପରୀକ୍ଷା ପାଇଁ ଡେରାଡୁନ୍‌କୁ ପଠାଯାଇଛି।

ସୂଚନା ଅନୁସାରେ, ବୈରାଗୀ ବାଘ ଶିକାର କରି ଏହାର ଛାଲକୁ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିଲେ। ସେ ଏକାଧିକ ରାଜ୍ୟ ବାହାରର ଶିକାରୀଙ୍କ ସହ ଯୋଗାଯୋଗ କରୁଥିଲା। ଏନେଇ ଏସ୍‌ଟିଏଫର ଜଣେ ଅଧିକାରୀ ଖବର ପାଇଥିଲେ। ସେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଗତକାଲି ସନ୍ଧ୍ୟାରେ ବୈରାଗୀ ବାଘ ଛାଲକୁ ଏକ ଜରି ବ୍ୟାଗ୍‌ରେ ପୂରାଇ ଖମାରସାହିରେ ଜଣେ ଗ୍ରାହକୁ ଅପେକ୍ଷା କରିଥିଲେ। ଗ୍ରାହକ ଆସିବା ପରେ ଉଭୟଙ୍କ ମଧ୍ୟରେ ଡିଲ୍ ହୋଇଥିଲ। ଏହି ଡିଲ୍ ସମୟରେ ଏସ୍‌ଟିଏଫ ଅଧିକାରୀ ଚଢ଼ଉ କରି ତାକୁ କାବୁ କରିଥିଲେ। ଯାଞ୍ଚ ପରେ ସେ ଧରିଥିବା ବ୍ୟାଗ୍‌ରୁ ଏକ ବାଘ ଛାଲ ମିଳିଥିଲା।

**୫ଲକ୍ଷ ଟଙ୍କାରେ ଛାଲକୁ ଜବତ**

## ବାଘ ଆକ୍ରମଣରେ ବାଛୁରୀ ମୃତ

**ଭଞ୍ଜନଗର, ୧୭ (ସମିସ):** କିଛି ଦିନର ବ୍ୟବଧାନରେ ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଏହି ବନଖଣ୍ଡ ଅନ୍ତର୍ଗତ କେନ୍ଦ୍ରୀୟବନାଞ୍ଚଳର ଡୁମାକୁମ୍ପା ବଡ଼ରାଉଳ ନିକଟରେ ଆଜି ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏକ ଗାଈ ଗୋଠରେ ଏକ ବାଛୁରୀକୁ ବାଘ ଆକ୍ରମଣ କରି ମାରି ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେମାନେ ବାଘ ଦେଖି ଭୟଭୀତ ଅବସ୍ଥାରେ ଥିବା ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳରେ ବାଘ ଚଳପ୍ରଚଳ ସମ୍ପର୍କରେ କୌଣସି ସଠିକ ସୂଚନା ନଥିଲା।

# ପିସିସି ସଭାପତିଙ୍କ କୁଶପୁତ୍ତଳିକା ଦାହ

**ଭୁବନେଶ୍ୱର, ୧।୭(ସମିସ):** ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଦ୍ୟ ଦଳରୁ ବହିଷ୍କୃତ କଂଗ୍ରେସ ନେତା ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ମିଶ୍ର କହିଛନ୍ତି ଯେ ଦଳ ବିକ୍ରିକୁ ବିରୋଧ କରିବାରୁ ପିସିସି ସଭାପତି ଆକ୍ରୋଶମୂଳକ ଭାବେ ସେମାନଙ୍କୁ କଂଗ୍ରେସରୁ ବହିଷ୍କୃତ କରିଛନ୍ତି। ପିସିସି ସଭାପତିଙ୍କର ଯୋଗ୍ୟତା ୨୦୨୪ ସାଧାରଣ ନିର୍ବାଚନରେ ପ୍ରମାଣିତ ହୋଇଯାଇଛି। ସେ ଯେଉଁ ୯ରୁ ୯୦ ଆହ୍ୱାନ ଦେଇଥିଲେ, ତାହା ଏ ଶତାବ୍ଦୀର ସବୁଠାରୁ ବଡ଼ ହସକଥା। କାରଣ କୌଣସି ପ୍ରସ୍ତୁତି ନଥାଇ 'ମୁଙ୍ଗେରିଲାଲ କି ହସିନ ସପ୍ନା' ଭଳି ଶରତ ପଟ୍ଟନାୟକ ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସର ୯୦ଟି ବିଧାୟକ ବିଜୟୀ ହେବେ ବୋଲି ସ୍ୱପ୍ନରେ ଭାବୁଥିଲେ। ୮୦ ଜଣ ବିଧାନସଭା ପ୍ରାର୍ଥୀ ଏବଂ ୧୨ଜଣ ସାଂସଦ ପ୍ରାର୍ଥୀଙ୍କୁ ଦଳୀୟ ପାଣ୍ଠିରୁ ଟଙ୍କାଟିଏ ଦିଆଗଲା ନାହିଁ। ୧୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପୁଲିଂ ଏଜେଣ୍ଟ ନଥିଲେ। ୧୦୦ଟି ବିଧାନସଭା ଆସନରେ ପ୍ରଚାର, ପୋଷ୍ଟର୍, ବ୍ୟାନର୍, ଲିଫଲେଟ୍, ଗ୍ୟାରେଣ୍ଟି କାର୍ଡ୍, ପ୍ରଚାର ଗାଡ଼ି ଦେଖିବାକୁ ମିଳିଲା ନାହିଁ। ତେଣୁ ୨୦୨୪ ନିର୍ବାଚନରେ ଶରତ ସମ୍ପୂର୍ଣ୍ଣ ଭାବେ ହାତ ଟେକି ଦେଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁ ପିସିସି ସଭାପତି ଦଳକୁ ନେତୃତ୍ୱ ଦେଉଥିଲେ, ନୂଆପଡ଼ାରେ ନିଜେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୫ହଜାର ଭୋଟ ପାଇ ଅମାନତ ହରାଇଲେ। ଏଣୁ ଶରତ ପଟ୍ଟନାୟକ କଂଗ୍ରେସ ଦଳ ପାଇଁ କଳଙ୍କ। ତାଙ୍କୁ ତୁରନ୍ତ କଂଗ୍ରେସ ଦଳରୁ ବହିଷ୍କାର କରାଯାଉ। ଯେଉଁମାନେ ପିସିସି ସଭାପତିଙ୍କୁ କାଳିମାଡ଼ କରିଛନ୍ତି, ସେମାନେ ଦଳର ନିଷ୍ଠାବାନ କର୍ମୀ। ଶରତ ପଟ୍ଟନାୟକ ଦଳର ଭୟଙ୍କର କ୍ଷତି କରି ଫୁଲମାଳ ଆଶା କରିବା ଭୁଲ୍ ବୋଲି ସେ କହିଛନ୍ତି।

# ଅନଶନ ଭାଙ୍ଗିଲେ ଶ୍ରେୟାସ୍ମିତା

**ଭୁବନେଶ୍ୱର, ୧।୭(ସମିସ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୯ଦିନ ଧରି ଧାରଣାରେ ବସିଥିବା ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦିକା ଶ୍ରେୟାସ୍ମିତା ପଣ୍ଡା ସୋମବାର ଦିନ କଂଗ୍ରେସ ଭବନ ସମ୍ମୁଖରୁ ତାଙ୍କର ଅନଶନ ଭଙ୍ଗ କରିଛନ୍ତି। କ୍ୟାପିଟାଲ ଥାନା ଅଧିକାରୀ, ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଦୀପ ପାତ୍ର, ପୂର୍ବତନ ଏଆଇସିସି ସଭ୍ୟା ଜାନକୀ ମଲ୍ଲିକ, ଲିପିକା ପାତ୍ର, ଲିପ୍ସା ନାୟକ ପ୍ରମୁଖ କିଛି କଂଗ୍ରେସ ନେତୃବୃନ୍ଦଙ୍କ ଅନୁରୋଧକ୍ରମେ ସୋମବାର ଶ୍ରୀମତୀ ପଣ୍ଡା ମୁଖ୍ୟ ଫାଟକ ପାଖରୁ ଉଠି ଯାଇଛନ୍ତି। ମାତ୍ର ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଭିତରେ ତାଙ୍କର ଧାରଣା ଚାଲୁ ରଖିବେ ବୋଲି ଜଣାପଡ଼ିଛି। ପ୍ରଦେଶ କଂଗ୍ରେସ ସଭାପତି ତାଙ୍କୁ ବିନା କାରଣରେ ଦଳରୁ ବହିଷ୍କାର କରିଛନ୍ତି। ଯେପର୍ଯ୍ୟନ୍ତ ବହିଷ୍କାରର କାରଣ ପ୍ରଦେଶ କଂଗ୍ରେସର ସଭାପତି ତାଙ୍କ ନିକଟରେ ପ୍ରମାଣିତ ନ କରିଛନ୍ତି, ସେ ତାଙ୍କର ଧାରଣା ଜାରି ରଖିବେ ବୋଲି କହିଛନ୍ତି।

## ସଚିବମାନଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ପ୍ରଥମ ବୈଠକ

# ସ୍ୱଚ୍ଛତା, ସୁପ୍ରଶାସନ, ସୃଜନଶୀଳତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧।୭(ସମିସ):** ଗତକାଲି କାର୍ଯ୍ୟରେ ଯୋଗ ଦେବା ପରେ ନୂତନ ମୁଖ୍ୟ ସଚିବ ମନୋଜ ଆହୁଜା ସୋମବାର ତାଙ୍କର ବିଧିବଦ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୋମବାର ସଚିବସ୍ତରୀୟ ବୈଠକରେ ମୁଖ୍ୟ ସଚିବ ଶ୍ରୀ ଆହୁଜା କାର୍ଯ୍ୟରେ ସ୍ୱଚ୍ଛତା, ସୁପ୍ରଶାସନ ଓ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ନବ ଗଠିତ ସରକାରଙ୍କ ନିର୍ବାଚନ ଇସ୍ତାହାରକୁ ଆଖି ଆଗରେ ରଖି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଯୋଜନାର କାର୍ଯ୍ୟକାରିତା ପାଇଁ ଯେପରି ଫଳପ୍ରଦ ପ୍ରୟାସ ରହିବ, ସେ ସମ୍ପର୍କରେ ସଚିବମାନଙ୍କୁ ଗଠନମୂଳକ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ନୂତନ ମୁଖ୍ୟ ଶାସନ ସଚିବଙ୍କ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଆଗାମୀ ବଜେଟ୍

**ଇସ୍ତାହାରକୁ ଆଖିରେ ରଖି କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ**

ଉପସ୍ଥାପନ, ପୁରୀ ରଥଯାତ୍ରାର ସୁପରିଚାଳନା, ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଉପଲକ୍ଷେ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର କାର୍ଯ୍ୟରେ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ଛୋଟ ଛୋଟ ସମସ୍ୟା ରହୁଥିଲେ କାର୍ଯ୍ୟକୁ ବିଳମ୍ବିତ ନ କରି ଶୀଘ୍ର ଶେଷ କରାଯିବା, କାର୍ଯ୍ୟରେ ସୃଜନଶୀଳତା, ସ୍ୱଚ୍ଛତା ଓ ସୁପ୍ରଶାସନ ଦିଗରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିଲେ। ସଚିବମାନେ ବିଭିନ୍ନ କାର୍ଯ୍ୟରେ ଅଭିନବତ୍ୱ ଆଣିବା, ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଏବଂ ଉତ୍ତରଦାୟିତ୍ୱ ପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସମସ୍ତ ସଚିବମାନଙ୍କର ସହଯୋଗ କାମନା କରିଥିଲେ।

# ଏନ୍‌ସିସିକୁ ଇଲେକ୍ଟିଭ ଭାବେ ପଢ଼ିବେ ଉଚ୍ଚଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧।୭(ସମିସ):** ଏଣିକି ବିଶ୍ୱବିଦ୍ୟାଳୟରେ ନ୍ୟାସନାଲ୍ କ୍ୟାଡେଟ୍ କ୍ରପସ୍ ବା ଏନ୍‌ସିସିକୁ ଇଲେକ୍ଟିଭ୍ ବିଷୟ ଭାବେ ପଢ଼ାଯିବ। ଏନ୍‌ସିସି କ୍ୟାଡେଟ୍ ଭାବେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଏହି ବିଷୟକୁ ଇଲେକ୍‌ଟିଭ୍ ରଖି ପଢ଼ିପାରିବେ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ସୋମବାର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନରେ ଏନ୍‌ସିସି ରହିଛି, ସେଠାରେ ଇଲେକ୍ଟିଭ୍ ପାଠ୍ୟକ୍ରମ ରହିବା ଅତ୍ୟାବଶ୍ୟକ ବୋଲି ଏନ୍‌ସିସି ଡିଜି ସୁପାରିସ କରିବା ପରେ ୟୁଜିସି ଏହି ପଦକ୍ଷେପ ନେଇଛି।

# ଗାଣିତିକ ଉତ୍ସବ 'ଏସ୍‌ଆଇପି ଆବାକସ୍ ପ୍ରୋଡିଜି-୨୦୨୪'

**ଭୁବନେଶ୍ୱର, ୧।୭(ସମିସ):** ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହୋଇଯାଇଛି 'ଏସ୍‌ଆଇପି ଆବାକସ୍' ପ୍ରତିଯୋଗିତା। ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲେୱେ ଇନଡୋର୍ ଷ୍ଟାଡିୟମରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଗାଣିତିକ ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କ ଗଣିତ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇପି ଆବାକସ୍ ଇଣ୍ଡିଆ ଏବଂ ଇଣ୍ଟରନ୍ୟାସନାଲ୍‌ର ଏମ୍‌ଡି ଦୀନେଶ ଭିକ୍ଟର ଯୋଗଦେଇ କହିଥିଲେ ଯେ ଏସଆଇପି ପ୍ରୋଡିଜି ହେଉଛି ଭାରତର ଅନ୍ୟତମ ବୃହତ୍ତମ ପ୍ରତିଯୋଗିତା। ପିଲାମାନେ କେବଳ ଗାଣିତିକ ସମାଧାନ କରୁନାହାନ୍ତି, ବରଂ ମାତ୍ର ୧୧ ମିନିଟ୍‌ରେ ୩୦୦ ରାଶିର ସମାଧାନ କରୁଛନ୍ତି। ଏହିପରି ଆତ୍ମବିଶ୍ୱାସ ଏବଂ ଗତି ସହିତ ଯୁବପିଢ଼ି ଗଣିତ କରିବା ପ୍ରକୃତରେ ଆଶ୍ଚର୍ଯ୍ୟଜନକ ପ୍ରତିଯୋଗିତା। ଏସଆଇପି ଆବାକସ୍ ଇଷ୍ଟର୍ଣ୍ଣ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ ଶୁଭଜିତ୍ ମଲ୍ଲିକ କହିଛନ୍ତି ଯେ ଯଦି ବିଦ୍ୟାଳୟର ପିଲାମାନଙ୍କୁ ଏହିପରି ତାଲିମ ଦିଆଯାଏ ତେବେ ଗଣିତର ଭୟ ଦୂର ହେବ। ଏଥିରେ ଏସିପି ଆବାକସ୍ ଓଡ଼ିଶାର ମୁଖ୍ୟ ସୁନୀଲ ନାୟକ ଉପସ୍ଥିତ ଥିଲେ।

# ୭୬ତମ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଦିବସ

**ଭୁବନେଶ୍ୱର, ୧।୭ (ସମିସ):** ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ପକ୍ଷରୁ ୭୬ତମ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଦିବସ ପାଳିତ ହୋଇଯାଇଛି। ଏହାର ପ୍ରତିଷ୍ଠା ଦିବସ ସହ ସି.ଏ ବୃତ୍ତିର ନିର୍ଭୀକତା, ଅଖଣ୍ଡତା ଏବଂ ସର୍ବଦା ସଜାଗ ମନୋଭାବ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଉତ୍ସବରେ ଆଇସିଏଆଇ ଭବନରୁ ଷ୍ଟିୱାର୍ଟ ସ୍କୁଲ୍ ପର୍ଯ୍ୟନ୍ତ ଏକ ୱାକାଥନ୍‌ରୁ ଆରମ୍ଭ ହୋଇ ବୃକ୍ଷ ଚାରାରୋପଣ ଏବଂ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ପରେ ଆଇସିଏଆଇ ଭବନରେ ଶାଖା ଅଧ୍ୟକ୍ଷ ସି.ଏ ଜାହ୍ନବୀ ଦେଓ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଚକ୍ଷୁ, ଦନ୍ତ ପରୀକ୍ଷା ଓ ଡାଇବେଟିସ୍ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଡା. ମୋହନଙ୍କ ଡାୟାବେଟିଜ୍ ବିଶେଷତା କେନ୍ଦ୍ର, ସେଣ୍ଟର୍ ଫର୍ ସାଇଟ୍ ଏବଂ ଆମ ଓଡ଼ିଶା ସହିତ ମିଳିତ ଭାବରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଏହି ଦିନକୁ ସ୍ମରଣ କରିବା ପାଇଁ ସଦସ୍ୟ ଓ ଛାତ୍ରମାନଙ୍କ ପାଇଁ ୱର୍କ-ଲାଇଫ୍ ବାଲାନ୍ସ ବିଷୟରେ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୁଲିସ ଡି.ଜି ସିଏ ରାଧା କିଶନ ଶର୍ମା, ଆଇପିଏସ, ଶାଖା ଅଧ୍ୟକ୍ଷ ସି.ଏ ଜାହ୍ନବି ଦେଓ, ଶାଖାର ଛାତ୍ର ସଙ୍ଗଠନର ଅଧ୍ୟକ୍ଷ ତଥା ଶାଖା ଉପାଧ୍ୟକ୍ଷ ସି.ଏ ମହେନ୍ଦ୍ର ସାହୁ ଏବଂ ସଚିବ ସି.ଏ ଗୌତମ ଲେଙ୍କା ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ।

## ବିଦ୍ୟୁତ୍ ବିଭାଗର 'ରଥଯାତ୍ରା' ପ୍ରସ୍ତୁତି

# ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କର

**ଭୁବନେଶ୍ୱର, ୧।୭(ସମିସ):** ରଥଯାତ୍ରା ପରିପ୍ରେକ୍ଷୀରେ ପୁରୀ ସହରରେ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରୀ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଦ୍ୟୁତ୍ ସରବରାହଜନିତ ପ୍ରତିଷେଧକ ଓ ରକ୍ଷଣାବେକ୍ଷଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଆଗାମୀ ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ରଥଯାତ୍ରାକୁ ଦୃଷ୍ଟିରେ ରଖି ସହରରେ ତିନିଗୋଟି ପାୱାର୍ ଷ୍ଟେସନ୍‌ର କ୍ଷମତା ବୃଦ୍ଧି କରାଯାଇ ଲୋଡ୍ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରାଯିବ ବୋଲି କୁହାଯାଇଥିଲା। ରଥଯାତ୍ରା

**ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ**

ସମୟରେ ବିଦ୍ୟୁତ୍ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ୮୫ଜଣ ଅଧିକାରୀଙ୍କ ସମେତ ୮୦୦ରୁ ଊର୍ଦ୍ଧ୍ୱ ଟିପିସିଓଡିଏଲ୍‌ର କର୍ମଚାରୀ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିୟୋଜିତ ରହିବେ। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସମେତ ଶକ୍ତି ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

# ପ୍ରଥମ ଦିନରୁ ଲମ୍ବା ଧାଡ଼ି





### ■ ମୋ ପୁଅକୁ ଫେରାଇ ଦିଅ

ହିମାଚଳପ୍ରଦେଶରୁ ଦିଲ୍ଲୀ ଯାଉଥିବା ବେଳେ ପୁଅ ନିଖୋଜ ହୋଇଯାଇଛନ୍ତି ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ସତ୍ୟାନନ୍ଦ ଭାରତୀ। ୨୦୨୩ ମସିହା ମେ' ୨୮ ତାରିଖରୁ ତାଙ୍କର କୌଣସି ଖୋଜଖବର ପାଉନାହାନ୍ତି। ଇତି ମଧ୍ୟରେ ପୁଅ ନିଖୋଜକୁ ବର୍ଷେ ବିତିଲାଣି। ଥାନାରେ ଅଭିଯୋଗ କରିବା ସହ ପୁଅକୁ ଫେରାଇ ଆଣିବା ପାଇଁ ଅନେକଙ୍କୁ ନେହୁରା ହୋଇଛନ୍ତି। ହେଲେ ଫଳ ଶୂନ। ପୁଅ ଫେରିବାର ଆଶାନେଇ ସୋମବାର ରାଜଧାନୀକୁ ଧାଇଁ ଆସିଛନ୍ତି ମାଆ ସଞ୍ଜୁକ୍ତା ଭାରତୀ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ସହ ପୁଅକୁ ଖୋଜି ଆଣିଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ଲୁହ ଛଳଛଳ ଆଖି ଓ କୋହଭରା କଣ୍ଠରେ ସଞ୍ଜୁକ୍ତା କହିଛନ୍ତି, ମୋ ପୁଅ ନିଖୋଜ ହେବା ନେଇ ବରିର ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛି। କିନ୍ତୁ ଆଶ୍ୱାସନା ବ୍ୟତୀତ କିଛି ମିଳୁନି। ବହୁ ବରିଷ୍ଠ ଅଧିକାରୀଙ୍କୁ ନେହୁରା ହେଉଛି। ହେଲେ କେହି କିଛି ଶୁଣିଲେନି। ଗୋଟିଏ ମା'କୁ ତା ପୁଅ ଫେରାଇ ପାରିନାହାନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କରି ସମସ୍ତ ବିଷୟ ଜଣାଇଛି। ମୋ ପୁଅକୁ ଫେରାଇଦେବେ ବୋଲି ଆଶା ଅଛି ବୋଲି କୋହଭରା କଣ୍ଠରେ କହିଛନ୍ତି ସଂଯକ୍ତା।

### ■ ଅସ୍ତବ୍ୟସ୍ତ କଲା ଅସରାଏ ବର୍ଷା

ଶାନ୍ତିଶୃଙ୍ଖଳାର ସହ ଚାଲିଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି। ବ୍ୟାପକ ବ୍ୟବସ୍ଥା ମଧ୍ୟ ହୋଇଥିଲା। ବସିବା ପାଇଁ ଓ ଖରା ବର୍ଷାରୁ ବର୍ତ୍ତିବା ପାଇଁ ପାଲ ପଡ଼ିଥିଲା। ସବୁକିଛି ସୁରୁଖୁରୁରେ ଚାଲୁଥିବା ବେଳେ ଅପରାହ୍ଣ ୧.୪୫ ବେଳକୁ ହଠାତ୍ ଘୋଟି ଆସିଲା ବାଦଲ। କିଛି ସମୟ ପାଇଁ ନିର୍ଘାତ ବର୍ଷା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ପାଲରୁ ପାଣି ଗଳିବାରୁ ଧାଁଧପଡ଼ ହେଲା। ସ୍ଥାୟୀ ଶେଡ୍ ତଳେ ଭିଡ ଜମିଲା। ଶାନ୍ତିଶୃଙ୍ଖଳା ରକ୍ଷାକରି ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ବାରମ୍ବାର ମାଇକ୍ ଯୋଗେ କହୁଥିଲେ। ହେଲେ ବର୍ଷା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଲା। ପାଲ ତଳେ ବସିଥିବା ଲୋକଙ୍କ ଉପରେ ଅଚାନକ ଜୋରରେ ପାଣି ପଡ଼ିବାରୁ ଭିଜି ଯାଇଥିଲେ ବହୁ ଅଭିଯୋଗକାରୀ। ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ପାଲରୁ କିପରି ପାଣି ଗଳିଲା ବୋଲି ଅନେକ କୁହାକୁହି ହେଉଥିଲେ। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ପ୍ରଥମେ ଅଭିଯୋଗ କରିବାର ଆବଶ୍ୟକତା ଥିବା ମଧ୍ୟ କହୁଥିଲେ ଉପସ୍ଥିତ ଜନତା।

### ■ ଫେରିଗଲେ ବହୁ ଅଭିଯୋଗକାରୀ

ଦୀର୍ଘ ଦିନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଖବର ପାଇ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକଙ୍କ ସୁଅ ଛୁଟିଥିଲା। ବସ୍ ଟ୍ରେନ୍ ଯୋଗେ ଲୋକ ଆସିଥିଲେ। ବସ୍ ଭଡା କରି ବହୁ ଗୋଷ୍ଠୀ ଆସିଥିବାର ମଧ୍ୟ ଦେଖାଯାଇଥିଲା। ପହଞ୍ଚିବାରେ ବିଳମ୍ବ ହେବାରୁ ବହୁ ଅଭିଯୋଗକାରୀ ନିରାଶ ହୋଇ ଫେରିଯାଇଛନ୍ତି। ପ୍ରଥମେ ୧୨.୩୦ ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ସମୟ ନିର୍ଦ୍ଧାରିତ ହୋଇଥିବା ବେଳେ ତାକୁ ବୃଦ୍ଧି କରାଯାଇଥିଲା। ବହୁ ସମୟ ଧରି ପଞ୍ଜୀକରଣ ଚାଲିଥିଲା। କେହି ଯେମିତି ଫେରି ନ ଯିବେ, ସେଥିପାଇଁ ପୁଲିସ୍ ପ୍ରଶାସନ ଲୋକଙ୍କୁ ଅବଗତ କରୁଥିଲା। ହେଲେ ପଞ୍ଜୀକରଣ ସମ୍ପର୍କରେ ଜାଣି ନପାରି ବହୁ ବିଳମ୍ବରେ ପହଞ୍ଚିବାରୁ ଅନେକ ଫେରିଯାଇଛନ୍ତି। ପୁଣି ଆସିବେ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବେ ବୋଲି କହିଛନ୍ତି ମୟୂରଭଞ୍ଜର ରବି ହାଁସଦା।

### ■ ସପ୍ତାହକରେ ସମାଧାନ ନ ହେଲେ ଆତ୍ମାହୁତି ଦେବୁ

ସୁନ୍ଦରଗଡ଼ର ଉମେଶଚନ୍ଦ୍ର ଦେବତା। ଗଲା ସାଢ଼େ ୪ବର୍ଷ ହେଲା ଘରଦ୍ୱାର ହରାଇ ଏବେ ଯାଯାବର ଭଳି ଜୀବନଯାପନ କରୁଛନ୍ତି। କାରଣ ସମ୍ପର୍କରେ ଉମେଶ କୁହନ୍ତି ଯେ ସ୍ଥାନୀୟ ପ୍ରଶାସନ ବିନା ନୋଟିସରେ ତାଙ୍କ ଘରେ ତାଲା ପକାଇ ୫ଜଣ ସିକ୍ୟୁରିଟି ଗାର୍ଡଙ୍କୁ ଜଗାଇଛି। ମୋ ଘର କାହିଁକି ତାଲା ପକାଇଲେ ତାର କାରଣ ମୋତେ ଜଣାନାହିଁ କି ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ, ପୁଲିସ ପ୍ରଶାସନ ପର୍ଯ୍ୟନ୍ତ ଯାହାକୁ ପଚାରିଲେ କେହିକିଛି ଉତ୍ତର ରଖୁନାହାନ୍ତି। ଏବେ ବି ଉକ୍ତ ଘରର ମାଲିକାନା ମୋ ନାମରେ ରହିଛି। କିନ୍ତୁ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ହଠାତ ଆମକୁ ଘରୁ ବାହାର କରିଦେଇ ତାଲା ପକାଇଦେଲେ। ପ୍ରଶାସନ ଦାଦାଗିରି ପାଇଁ ଆମେ ବେଘର ହୋଇ ବୁଲୁଛୁ। ଗତକାଲିଠାରୁ ଆମେ ଆସି ଅଭିଯୋଗ ପ୍ରକୋଷ୍ଠ ଗେଟ ସମ୍ମୁଖରେ ରହିଥିଲୁ। ଆଜି ମୁଖ୍ୟମନ୍ତ୍ରୀ ସାକ୍ଷାତ କରି ଅଭିଯୋଗ ଜଣାଇଛୁ। ମୁଖ୍ୟମନ୍ତ୍ରୀ ଏକଥା ଶୁଣି ୭ ଦିନ ଭିତରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ୭ ଦିନ ଭିତରେ ସମାଧାନ ନହୁଏ ତେବେ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ସପରିବାରେ ଆତ୍ମାହୁତି ଦେବୁ ବୋଲି ଶ୍ରୀ ଦେବତା ଚେତାବନୀ ଦେଇଛନ୍ତି।

### ■ କଷ୍ଟହରିଙ୍କୁ ମିଳିଲା ପ୍ରତିଶ୍ରୁତି, ମିଳିବ ଘର

କଷ୍ଟହରି ଜେନା। ଜନ୍ମରୁ ଦିବ୍ୟାଙ୍ଗ। କେନ୍ଦୁଝର ଜିଲ୍ଲା କାଠପାଳରୁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ନିଜ ସମସ୍ୟା ଜଣାଇବାକୁ ଆସିଥିଲେ। ରହିବା ପାଇଁ ଆବାସ ଘର ଖଣ୍ଡେ ପାଇନାହାନ୍ତି। ପୂର୍ବରୁ ଘର ମା' ନାମରେ ଘର ଆସିଥିଲା। ହେଲେ ସେ ଘର ପାଇଁ ଆସିଥିବା ଅର୍ଥ ତାଙ୍କୁ ମିଳିନାହିଁ। କିଏ ତାଙ୍କ ଘର ଟଙ୍କା ଖାଇଦେଲେ ତାଙ୍କୁ ଜଣାନାହିଁ। ମାତ୍ର ସେ ଘର ହୋଇପାରିଲାନି। ମା' ମରିଗଲା ପରେ କିଛି ଦିନ ତଳେ ବାପା ବି ହାତ ଛାଡ଼ି ଚାଲିଯାଇଛନ୍ତି। ଏପରିକି ବାପାଙ୍କ ଶୁଦ୍ଧକ୍ରିୟା ପାଇଁ ପାଖରେ ଟଙ୍କା ନାହିଁ। ଚାଉଳ ଗଣ୍ଡେ ଆଉ ଦିବ୍ୟାଙ୍ଗ ଭତ୍ତା ପାଉଛି ବୋଲି ଅତ୍ୟନ୍ତ ଦୁଃଖର ସହ କଷ୍ଟହରି କହୁଥିଲେ। ହୁଇଲ ଚେୟାର ନେଇ କି ଯିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଘର ମଧ୍ୟ ମିଳିବ। ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇବା ପରେ ପ୍ରତିଶ୍ରୁତି ମିଳିଛି।

# ସୀମିତ ସମୟରେ ଅନୁସନ୍ଧାନ ଏବଂ ନ୍ୟାୟ ପ୍ରକ୍ରିୟା

**(ସଂଶୋଧିତ ଆଇନ କେବଳ କଠୋର ଦଣ୍ଡରେ ସୀମିତ ନୁହେଁ ବରଂ ସୁସ୍ଥ ସମାଜ ଗଠନରେ ତ୍ୱରିତ ନ୍ୟାୟ ସେବା, ଜନାଦୃତ ଓ ଲୋକାଭିମୁଖୀ ନିମନ୍ତେ ଉଦ୍ଦିଷ୍ଟ)**

**■ ସୀତାଂଶୁ ମୋହନ ଦ୍ୱିବେଦୀ**

ନୂଆ ଆଇନରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି। ଏହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଜିରୋ-ଏତଲା (ଏଫ୍‌ଆଇଆର୍) ବ୍ୟବସ୍ଥା ଦ୍ୱାରା ଯେକୌଣସି ଥାନାରେ ମାମଲା ରୁଜୁ କରାଯାଇପାରିବ। ଏହି ଆଇନରେ ଜିରୋ-ପ୍ରାଥମିକ ଏତଲାର ବିଷୟଟି ପୁଲିସ୍ ମଧ୍ୟରେ ଉତ୍ତରଦାୟିତ୍ୱର ଭାବନାକୁ ସକ୍ରିୟ କରିବ। କୌଣସି ଅପରାଧର ଶିକାର ହେଉଥିବା ବ୍ୟକ୍ତି ଏବେ ନିଜ ଅଞ୍ଚଳର ଥାନାରେ ମଧ୍ୟ ପ୍ରାଥମିକ ଏତଲା ଦେଇପାରିବେ। କୌଣସି ଥାନାର ପଦାଧିକାରୀ ଘଟିଥିବା ଅପରାଧଟି ତାଙ୍କ ଅଞ୍ଚଳରେ ଘଟି ନଥିବାରୁ ପ୍ରାଥମିକ ଏତଲାଟିକୁ ଗ୍ରହଣ କରିବାକୁ ଅସ୍ୱୀକାର କରିପାରିବେ ନାହିଁ। ଠିକ୍ ସେହିଭଳି ଜଣେ ବ୍ୟକ୍ତି ମଧ୍ୟ ଇ-ପ୍ରାଥମିକ ଏତଲା ଦାଖଲ କରିପାରିବେ। ନିଜ ଘରେ ବସି ଇ-ପ୍ରାଥମିକ ଏତଲା ଦେଉଥିବା ବ୍ୟକ୍ତି କିନ୍ତୁ ତିନି ଦିନ ମଧ୍ୟରେ ନିକଟସ୍ଥ ଥାନାରେ ଯାଇ ପ୍ରାଥମିକ ଏତଲାରେ ସ୍ୱାକ୍ଷର କରିବାର ଆବଶ୍ୟକତା ରହିଛି। କେତେକ ଅପରାଧ କ୍ଷେତ୍ରରେ ପ୍ରାଥମିକ ଏତଲା ପଞ୍ଜୀକୃତ କରିବା ପୂର୍ବରୁ ପ୍ରାଥମିକ ଅନୁସନ୍ଧାନ କରିବାର ଦାୟିତ୍ୱ ମଧ୍ୟ ପୁଲିସ୍‌କୁ ଦିଆଯାଇଛି। ଯଦି କୌଣସି କ୍ଷେତ୍ରରେ ପୁଲିସ୍ ପ୍ରାଥମିକ ଏତଲା ପଞ୍ଜୀକୃତ ନ କରେ, ତେବେ ସେ କ୍ଷେତ୍ରରେ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଏ ସମ୍ପର୍କରେ ରେଜିଷ୍ଟ୍ରି ପୋଷ୍ଟରେ ଜଣାଇବା ପରେ ମକଦ୍ଦମା କରାଯାଇପାରିବ।

ପୁଲିସ୍ ରିମାଣ୍ଡ କ୍ଷେତ୍ରରେ ମଧ୍ୟ ନୂଆ ଆଇନର ବ୍ୟାପକ ପରିବର୍ତ୍ତନ କରାଯାଇଛି। ଯଦିଓ ପୁଲିସ୍ ରିମାଣ୍ଡ ଅବଧି ପନ୍ଦର ଦିନ ମଧ୍ୟରେ ସୀମିତ ରଖାଯାଇଛି, କିନ୍ତୁ ପୁଲିସ୍ ଅନୁସନ୍ଧାନର ୬୦ଦିନ କିମ୍ବା ୯୦ଦିନ ମଧ୍ୟରେ ଯେକୌଣସି ସମୟରେ ରିମାଣ୍ଡ ପାଇଁ ଆବେଦନ କରିପାରିବ। ଏଭଳି କ୍ଷମତାର ଅନେକ କ୍ଷେତ୍ରରେ ଦୁରୁପଯୋଗ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ବିଚାର ଚାଲିଥିବା ବେଳେ ମଧ୍ୟ ପୁଲିସ୍‌କୁ ଅଧିକ ଅନୁସନ୍ଧାନ କରିବାର କ୍ଷମତା ଦିଆଯାଇଛି। କିନ୍ତୁ ଏଭଳି କ୍ଷେତ୍ରରେ ମ୍ୟାଜିଷ୍ଟ୍ରେଟ୍‌ଙ୍କ ଅନୁମତି ନେବାର ଆବଶ୍ୟକତା ରହିଛି।

ପୂର୍ବରୁ ସିଆରପିସିରେ ୪୮୪ ଧାରା ରହିଥିଲା ବେଳେ ନୂଆ ଆଇନର ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ରହିଛି। ଆଇପିସିରେ ୫୧୧ଟି ଧାରାରୁ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଓ ପୁରୁଣା ଇଣ୍ଡିଆନ୍ ଏଭିଡେନ୍‌ସ ଆକ୍ଟରେ ୧୬୭ଟି ଧାରା ରହିଥିବା ବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ଧାରା ରହିଛି। ତେଣୁ ସମସ୍ତେ ନୂଆ ଆଇନ ସଂପର୍କରେ ଅଧିକ ସଚେତନ ହେବା ଆବଶ୍ୟକ। ନୂଆ ଆଇନର ପ୍ରମୁଖ ଉଦ୍ଦେଶ୍ୟ ଦଣ୍ଡ ଦେବା ନୁହେଁ, ବରଂ ନିର୍ଦ୍ଧାରିତ ସମୟ ମଧ୍ୟରେ ନ୍ୟାୟ ପ୍ରଦାନ କରିବା।

**ଧର୍ଷଣ କାର୍ଯ୍ୟକଳାପ ପାଇଁ କଠୋର ଦଣ୍ଡ:**

ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହିଂସାକୁ ଏହି ଆଇନରେ ଗୋଟିଏ ସ୍ୱତନ୍ତ୍ର ବିଭାଗରେ ରଖାଯାଇଛି। ୧୬ବର୍ଷରୁ କମ୍ ମହିଳାଙ୍କୁ ଧର୍ଷଣ କରିଥିବା ଅଭିଯୁକ୍ତକୁ ସର୍ବନିମ୍ନ ୨୦ ବର୍ଷ ଜେଲ୍‌ଦଣ୍ଡରୁ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଦଣ୍ଡାଦେଶ କରିବା ନିମନ୍ତେ ବ୍ୟବସ୍ଥା ରହିଛି। ଠିକ୍ ସେହିପରି ୧୨ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ ଧର୍ଷଣ କ୍ଷେତ୍ରରେ ଆଜୀବନ କାରାଦଣ୍ଡରୁ ଫାଶୀ ଦଣ୍ଡାଦେଶ ପର୍ଯ୍ୟନ୍ତ ଏହି ଆଇନରେ ଉଲ୍ଲେଖ ରହିଛି।

କୌଣସି ମହିଳାଙ୍କୁ ପ୍ରତାରଣା କିମ୍ବା ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଦଶ ବର୍ଷରୁ ଅଧିକ ଜେଲ ଦଣ୍ଡ ହେବାର ଆଇନ ରହିଛି। ପ୍ରତାରଣା ଶବ୍ଦର ସଂଜ୍ଞା ନିରୂପଣ କରି କୌଣସି ମହିଳାଙ୍କୁ ଚାକିରି ପଦୋନ୍ନତି କିମ୍ବା ନିଜର ପ୍ରକୃତ ପରିଚୟକୁ ଗୁପ୍ତ ରଖି ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଦଣ୍ଡବିଧାନ ଏହି ନୂତନ ଆଇନରେ ସ୍ଥାନ ଦିଆଯାଇଛି। ଏହି ନୂତନ ଆଇନରେ ଗଣଧର୍ଷଣ କ୍ଷେତ୍ରରେ ୨୦ ବର୍ଷ ଜେଲଦଣ୍ଡ ଓ ୧୮ ବର୍ଷରୁ କମ୍ ମହିଳାଙ୍କୁ ଗଣଧର୍ଷଣ କ୍ଷେତ୍ରରେ ଦୋଷୀମାନଙ୍କୁ ସର୍ବନିମ୍ନ ୨୦ବର୍ଷ ଜେଲଦଣ୍ଡରୁ ଆରମ୍ଭ କରି ଫାଶୀ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଜଣେ ମହିଳା ମଧ୍ୟ କୌଣସି ମହିଳାଙ୍କୁ ଅସଦାଚରଣ କରିବା କିମ୍ବା ଯୌନ ଉଦ୍ଦୀପକ କାର୍ଯ୍ୟରେ ବିନିଯୋଗ କରିବାକୁ ଏହି ଆଇନରେ ଅପରାଧ ଭାବେ ପରିଗଣନା କରାଯାଇଛି। ଏହି ଆଇନ କ୍ଷେତ୍ରରେ କେବଳ ପୁରୁଷ ନୁହେଁ, ମହିଳାମାନଙ୍କୁ ମଧ୍ୟ ଅପରାଧୀ ଭାବେ ପରିଗଣନା କରାଯାଇଛି।

**ଛୋଟ ଅପରାଧ ପାଇଁ ଗୋଷ୍ଠୀ ସେବା ଦଣ୍ଡ ବ୍ୟବସ୍ଥା, ଶିଶୁ ଓ ତୃତୀୟ ଲିଙ୍ଗର ସଂଜ୍ଞା ନିରୂପଣ:**

ଛୋଟଛୋଟ ଅପରାଧ କ୍ଷେତ୍ରରେ ଯଥା ମଦ ପିଇ ସର୍ବସାଧାରଣଙ୍କ ସହ ଦୁର୍ବ୍ୟବହାର କରିବା, ମାନହାନି, ଛୋଟ ଚୋରି କିମ୍ବା ସରକାରୀ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଏଭଳି ଦଣ୍ଡାଦେଶ ଦେବାର ବ୍ୟବସ୍ଥା ଏହି ନୂଆ ଆଇନରେ କରାଯାଇଛି। ପୂର୍ବ ଫୌଜଦାରୀ ଆଇନରେ ସୁନା ଗହଣା ଛିନତାଇ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଯେଉଁ ମକଦ୍ଦମା ହେଉଥିଲା, ଏବେ ନୂଆ ଆଇନରେ ଏହାକୁ ଏକ ଭିନ୍ନ ଅପରାଧ ଭାବେ ଗ୍ରହଣ କରାଯାଇଛି। ଏହି ଆଇନରେ ଶିଶୁ ଓ ତୃତୀୟ ଲିଙ୍ଗର ସଂଜ୍ଞା ନିରୂପଣ କରାଯାଇଛି।

**ସନ୍ତ୍ରାସବାଦ କାର୍ଯ୍ୟକଳାପ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା**

ସଂଗଠିତ ଅପରାଧ ଓ ସନ୍ତ୍ରାସବାଦ(ଆତଙ୍କବାଦୀ)କୁ ଏହି ଆଇନରେ ନୂତନ ରୂପ ଦିଆଯାଇଛି। ଯଦିଓ ଦେଶଦ୍ରୋହ ଦଫାଟିକୁ ଏହି ଆଇନରେ ବାଦ୍ ଦିଆଯାଇଛି, କିନ୍ତୁ ଦେଶର ସାର୍ବଭୌମତ୍ୱ, ସଂହତି ଓ ଏକତା ବିରୁଦ୍ଧରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ସନ୍ତ୍ରାସବାଦୀର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉଛି। ପୁଲିସ୍ କେଉଁ ଅପରାଧୀମାନଙ୍କ କ୍ଷେତ୍ରରେ ହାତକଡ଼ା ପକାଇବ, ସେଥିପାଇଁ ମଧ୍ୟ ଏହି ଆଇନରେ ସବିଶେଷ ତଥ୍ୟ ଦିଆଯାଇଛି। ନୂଆ ଆଇନରେ ଜାମିନ୍ ବ୍ୟବସ୍ଥାକୁ ସରଳ କରିବା ଲାଗି ପ୍ରଚେଷ୍ଟା କରାଯାଇଛି। କୌଣସି ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ନଥିଲେ ମଧ୍ୟ ବିଚାର ଓ ଦଣ୍ଡାଦେଶ ପ୍ରକ୍ରିୟାଟି ସୁରୁଖୁରୁରେ ଚାଲିପାରିବ। ଜନସାଧାରଣଙ୍କୁ ସଠିକ୍ ସମୟ ମଧ୍ୟରେ ନ୍ୟାୟ ଯୋଗାଇଦେବା ଲାଗି ସାକ୍ଷୀମାନଙ୍କର ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯିବା ସହ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ନ୍ୟାୟପାଳିକାରେ ଅଧିକ ଲୋକପ୍ରିୟ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

ଉପରୋକ୍ତ ତିନି ନୂଆ ଆଇନ କେବଳ ଦୋଷୀକୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ନୁହେଁ, ବରଂ ଏକ ସୁସ୍ଥ ସମାଜ ଗଠନ ଏବଂ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ। ଯଦିଓ କିଛି ଆଇନରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଉଛି, ତାହା ନ୍ୟାୟିକ ପ୍ରକ୍ରିୟା ବୁଦ୍ଧିଜୀବୀଙ୍କ ସୁଚିନ୍ତିତ ମତାମତକ୍ରମେ ସଂଶୋଧନ ହେବାର ଆବଶ୍ୟକତା ରହିଛି। ଆଇନର ଆମୂଳଚୁଳ ପରିବର୍ତ୍ତନ ହୋଇନଥିଲେ ମଧ୍ୟ ବର୍ତ୍ତମାନର ଯୁଗ, ନୂଆଧରଣର ଅପରାଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅପରାଧର ସମାଧାନ, ନାଗରିକଙ୍କ ଅଧିକାର ସୁରକ୍ଷା, ପୁଲିସ୍ କ୍ଷମତାର ଅପବ୍ୟବହାରକୁ ବନ୍ଦ କରିବା ପ୍ରୟାସ ସଂଗେସଂଗେ ଜିରୋ-ଏଫ୍‌ଆଇଆର୍ ବ୍ୟବସ୍ଥା ଦ୍ୱାରା ଯେକୌଣସି ସ୍ଥାନରେ ମାମଲା ରୁଜୁ ହୋଇ ପାରିବ ଏବଂ ସଂଶୋଧିତ ଆଇନ ଅନୁସାରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ କରିବା ସଂଗେ ସଂଗେ ସମାଜ ସଂସ୍କାର ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ■

**ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ**
ମୋ: ୯୯୩୭୦୮୦୦୦୧





## ସର୍ଜନଶୀଳ ସାହିତ୍ୟ କର୍ମଶାଳା

ଭୁବନେଶ୍ୱର, ୧୭(ସମିସ): ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଓ ଅରୁଣ-ତରୁଣ ଶିଶୁ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସର୍ଜନଶୀଳ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅରୁଣ-ତରୁଣ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. କୃତିବାସ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଇଂ ଶଶିଭୂଷଣ ରଥ ପଠିତ କବିତା ଗୁଡିକର ସମୀକ୍ଷା କରିବା ସହ ସର୍ଜନଶୀଳ ସାହିତ୍ୟ ରଚନା ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ଅତିଥି ଭାବରେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ କବି ଡ. ଅଶ୍ୱିନୀ କୁମାର ମିଶ୍ର ସଂସଦର ମୁଖପତ୍ର 'ଚିହ୍ନ-୪୭', ମାସିକ ୱେବ ସାହିତ୍ୟ ପତ୍ରିକା 'ଇ- ପତ୍ରିକା'ର ୩ୟ ବର୍ଷ ୧ମ ସଂଖ୍ୟା ଏବଂ ସଂସଦର ମାସିକ ସାହିତ୍ୟ ବୁଲେଟିନ୍ 'ଆମ ସାହିତ୍ୟ ଆସର-୬୬'କୁ ଲୋକାର୍ପଣ କରିଥିଲେ। ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ କବି ବସନ୍ତ ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ଗାଳ୍ପିକ ବିଦ୍ୟାଧର ଗୁରୁ।

## କାଠଯୋଡ଼ି କୂଳେ ଚାରାରୋପଣ

ନନ୍ଦନକାନନ, ୧୭(ସମିସ): ଅଖଣ୍ଡ ବାରଙ୍ଗ ବିକାଶ ମଞ୍ଚ ଆନୁକୂଲ୍ୟରେ ବାରଙ୍ଗ ତ୍ରିଶୁଳିଆ ସୁବାସ ସେତୁ କାଠଯୋଡ଼ି ନଦୀବନ୍ଧ କୂଳରେ ଏକ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେଏମ୍‌ବିବି କଲେଜର ଅଧକ୍ଷ ଡା ତୁହିନ ସୁତାର, ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ବୃକ୍ଷ ରୋପଣକରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ରୀତାଞ୍ଜଳି ସାମଲ, ସମିତି ସଭ୍ୟ କିଶନ ଜେନା, ଅମରେନ୍ଦ୍ର ମହାପାତ୍ର, ଅଜୟ ମୁଦୁଲି, ସନ୍ତୋଷ କୁମାର ସ୍ୱାଇଁ, ସୂର୍ଯ୍ୟମଣୀ ମହାନ୍ତି, ନିରଞ୍ଜନ ଜେନାମଣି, ରଞ୍ଜନ ସ୍ୱାଇଁ, ରବି ସ୍ୱାଇଁ, ପ୍ରମୋଦ କୁମାର ପଣ୍ଡା, ସମୀର ସ୍ୱାଇଁ, ବିଶ୍ୱଜିତ ଜେନା, ଅଶୋକ ସାମଲ, କାଙ୍ଗାଳି ଚରଣ ପରିଡ଼ା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ବିକାଶ ମଞ୍ଚର ଅଧକ୍ଷ ବସନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରକଳା ଶିବିର



ଭୁବନେଶ୍ୱର, ୧।୭(ସମିସ): ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୮ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ରଙ୍ଗ ଓ ତୂଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିବେ। ଚିତ୍ରକଳା ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ମଧୁସୂଦନ ଦାସ, ଓଡ଼ିଶା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସମିତି ସଭ୍ୟ ତଥା ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ବରିଷ୍ଠ ଚିତ୍ରଶିଳ୍ପୀ ତଥା ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଅନ୍ୟତମ ପୂର୍ବତନ ସଚିବ ଡ. ପଞ୍ଚାନନ ସାମଲଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଉତ୍ସବକୁ ଏକାଡେମୀର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ପରିଚାଳନା କରିଥିଲେ। ଏହି ଶିବିର ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଗୋଟିଏ ରଥ; ଦୁଇ ପଟେ ଲାଗେ ଦଉଡ଼ି



ଭୁବନେଶ୍ୱର, ୧୭ (ସମିସ): ଆଉ ୫ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିଲାଗି ସାରା ପଲ୍ଲୀ ଠାରୁ ଦିଲ୍ଲୀ ଉତ୍ସବମୁଖର। ତେବେ ରାଜଧାନୀ ଉପକଣ୍ଠରେ ଏକ ଗାଁ ଅଛି ଯେଉଁଠାରେ ରଥର ଦୁଇ ପଟେ ଦଉଡ଼ି ଲଗାଇବାକୁ ପଡ଼ିଥାଏ। ସେଭଳି ଏକ ଗାଁ ହେଉଛି ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ପଧାନସାହି ପଞ୍ଚାୟତର ପାଞ୍ଚଗାଁ। ଜଗନ୍ନାଥଙ୍କ ମନ୍ଦିର ପାହାଡ଼ ଉପରେ ହୋଇଥିବାରୁ ରଥଯାତ୍ରାରେ ରଥକୁ ପଛପଟୁ ଭିଡ଼ିବାକୁ ପଡ଼ିଥାଏ। ସୁନ୍ଦରପଦା ଠାରୁ ଜଟଣୀ ଆଡ଼କୁ ପ୍ରାୟ ୮ କିଲୋମିଟର ଗଲେ ପଡ଼େ ପାଞ୍ଚଗାଁ ଛକ। ସେହି ଛକର ଟିକେ ଆଗରୁ ବାମ ପଟକୁ ପଡିଥିବା ରାସ୍ତାରେ ଗଲେ ପଡ଼େ ଲବଣଗିରି ପାହାଡ଼। ପାହାଡ଼ ଉପରେ ରହିଛି ଲବଣେଶ୍ୱର, ଜଗନ୍ନାଥ ଓ ଅନ୍ୟାନ୍ୟ ଦେବାଦେବୀଙ୍କ ମନ୍ଦିର। ୨୦୦୦ ମସିହା ପରଠାରୁ ଏଠାରେ ରଥଯାତ୍ରା ପାଳନ ହୋଇ ଆସୁଛି। ଶ୍ରୀଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଗୋଟିଏ ରଥରେ ବିରାଜମାନ ହୋଇ ପାଞ୍ଚଗାଁସ୍ଥିତ ମାଉସୀମା ମନ୍ଦିରକୁ ଯାଇଥାନ୍ତି। କିନ୍ତୁ ପାହାଡ଼ ଉପରୁ ରଥ ତଳକୁ ଆସୁଥିବାରୁ ରଥଯାତ୍ରା ଦିନ ଭକ୍ତମାନେ ଉଭୟପଟେ ଦଉଡ଼ି ଲଗାଇ ନିୟନ୍ତ୍ରଣ କରି ରଥ ଗଡ଼ାଇ ଥାଆନ୍ତି। ରଥଟି ଉଚ୍ଚ ପାହାଡ଼ରୁ ସ୍ଥାନରୁ ତଳକୁ ତଳକୁ ଆସୁଥିବାରୁ ହଠାତ୍ ବେଗ ବଢ଼ିଯିବା ଆଶଙ୍କା କରି ରଥର ପଛପଟେ ଦଉଡ଼ି ଲଗାଯାଇ ଭିଡ଼ି ଥରିଥାଆନ୍ତି। ସେହିପରି ବାହୁଡ଼ା ଦିନ ଭକ୍ତମାନେ ରଥକୁ ଆଗପଟରୁ ଟାଣୁଥିବା ବେଳେ ଅନେକ ଭକ୍ତ ରଥକୁ ପଛ ପଟରୁ ଠେଲି ଠେଲି ନିଅନ୍ତି। ବାହୁଡ଼ାରେ ରଥ ପାହାଡ଼ ଉପରକୁ ଯାଉଥିବାରୁ ଆବଶ୍ୟକସ୍ଥଳେ ଜେସିବି ମେସିନ ଓ ଟ୍ରାକ୍ଟରର ସାହାଯ୍ୟ ଠେଲି ନିଆ ଯାଇଥାଏ। ଆଉ କିଛି ଭକ୍ତ ରଥର ଚକ ତଳକୁ କାଠଗଣ୍ଡି ପକାଇ ନିୟନ୍ତ୍ରଣ କରିଥାନ୍ତି। ଏଭଳି ନିଆରା ରଥ ଟାଣିବାକୁ ବିଭିନ୍ନ ଧଉଳି ଠାରୁ ପାହାଳ, ନନ୍ଦନକାନନ ଠାରୁ ତମାଣ୍ଡୋ ଏମିତିକି ରାଜଧାନୀ ବାହାରରୁ ମଧ ଭକ୍ତଙ୍କ ସୁଅ ଲବଣଗିରି ପାହାଡକୁ ଛୁଟେ।

### କିମ୍ବଦନ୍ତୀରେ ଲବଣାସୁର

କିମ୍ବଦନ୍ତୀ ଅନୁସାରେ, ତ୍ରେତୟା ଯୁଗରୁ ରହିଥିବା ଏହି ଲବଣଗିରି ପାହାଡ଼ର ଶିବ ପୁରାଣ ଓ ଏକାମ୍ର ପୁରାଣ ସହିତ ସଂଯୋଗ ରହିଛି। ଲବଣଗିରି ପାହାଡ଼ଟି ଲବଣାସୁରର ଦୁର୍ଗ ଥିଲା ବୋଲି କୁହାଯାଏ। ସକାଳୁ ଉଠିବା ପରେ ଲବଣାସୁର ସେଠାରେ ଯୋଗ କରିବା ସହିତ ସୂର୍ଯ୍ୟଙ୍କୁ ଦର୍ଶନ କରେ। ଲବଣାସୁର ସେହି ଦୁର୍ଗରୁ ବୀରବନ୍ଧ ଦେଇ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଏ। ସେହି ପାହାଡ଼ରେ ହିଁ ଲବଣାସୁର ସହିତ ଶତ୍ରୁଘ୍ନଙ୍କ ସହ ଲଢ଼େଇ ହୋଇଥିଲା। ଯେଉଁଥିରେ କି ଲବଣାସୁର ନିହତ ହୋଇଥିଲା। ଲବଣଗିରିରୁ ପୁରାତନ ଯୁଗର କମଣ୍ଡଳୁ ମିଳିଥିଲା। ଯାହାକୁ କି ଆଜି ଯାଏଁ କେହି ପାଞ୍ଚ ଆଙ୍ଗୁଳିରେ ଧରି ପାରିନାହାନ୍ତି। ଲବଣଗିରି ପାହାଡ ଲବଣଗିରି ଉନ୍ନୟନ ପରିଚାଳନା କମିଟିର ସଦସ୍ୟଙ୍କ କହିବା ଅନୁଯାୟୀ, ସ୍ଥାନୀୟ ଲୋକେ ପ୍ରାୟ ୨୪ ବର୍ଷ ପୂର୍ବେ ପାହାଡ ଉପରେ ଜଗନ୍ନାଥ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେତେବେଳେ ସେଠାରେ ବିରାଟ କୁଦ ଓ ଟାବୁ ଥିଲା। ଆଶ୍ରମ ପାଇଁ ଟାବୁରୁ ମାଟି ଖୋଳୁଥିବା ବେଳେ ଶାବଳରେ ପଥର ବାଜିଥିଲା। ମାଟି ଖୋଳି ଦେଖିବା ବେଳକୁ ଦଧିନଉତି ତଥା ମନ୍ଦିରର ଚୁଡ଼ ଆକୃତିର ପଥର ମିଳିଥିଲା। ପଥର ମିଳିବା ପରେ ଆମମାନଙ୍କର ଆତ୍ମବିଶ୍ୱାସ ପଡ଼ିଲା ଓ ଏଠାରେ ଲବଣେଶ୍ୱର ଅଛନ୍ତି ବୋଲି ବିଶ୍ୱାସ ଆସିଲା। ସେବେଠାରୁ ପାହାଡ଼ ଉପରେ ଲବଣେଶ୍ୱର ପୂଜା ପାଉଛନ୍ତି।

## ପୁଣ୍ୟତିଥିରେ ପଲ୍ଲୀକବିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧।୭(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୬ତମ ପୁଣ୍ୟତିଥି ସୋମବାର ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ, ଭକ୍ତଚରଣ ସ୍ୱାଇଁ, ବିଷ୍ଣୁ ଚରଣ ପ୍ରଧାନ, ଜୟ ଓଡ଼ିଶା ଓ ଉଇ ଫର ଭୁବନେଶ୍ୱରର କର୍ମକର୍ତ୍ତାମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ନବ ନିର୍ବାଚିତ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।



# ରୋଗଠାରୁ ବଳିପଡୁଛି 'ପ୍ରତୀକ୍ଷା' ଯନ୍ତ୍ରଣା

ଭୁବନେଶ୍ୱର, ୧୭(ସମିସ): ପେଟ ଯନ୍ତ୍ରଣା ପାଇଁ ଡାକ୍ତରଖାନା ଆସିଥିଲେ। ଧାଡ଼ିରେ ଛିଡ଼ା ହୋଇ ନମ୍ବର କଲେ। ନମ୍ବର କରି ସାରିବା ପରେ ଡାକ୍ତରଙ୍କୁ ଦେଖାଇବା ପାଇଁ ବି ପୁଣିଥରେ ଧାଡ଼ିରେ ଛିଡ଼ା ହେଲେ। ଡାକ୍ତରଙ୍କୁ ଦେଖାଇ ତାଙ୍କ ପରାମର୍ଶରେ ଦେହ ଦେଖାଇବାକୁ ଅଲଟ୍ରାସାଉଣ୍ଡ କକ୍ଷକୁ ଗଲେ। କିନ୍ତୁ ସେତେବେଳକୁ ଦିନ ଗୋଟାଏ ସମୟ ହୋଇଯାଇଥିବାରୁ ସୁରକ୍ଷାକର୍ମୀ କହିଲେ ବର୍ତ୍ତମାନ ଖାଇବା ସମୟ। ୨ଟା ପରେ ଆସନ୍ତୁ ଡାକ୍ତର ଆସିଲେ ଅଲଟ୍ରାସାଉଣ୍ଡ ହେବ। ଡାକ୍ତର ଅଲଟ୍ରାସାଉଣ୍ଡ କରିସାରି ରିପୋର୍ଟ ଆସିଲେ ପୁଣି ପ୍ରଥମେ ଯେଉଁ ଡାକ୍ତରଙ୍କଠାରୁ ପରାମର୍ଶ ନେଇଥିଲେ ସେହି ଡାକ୍ତରଙ୍କୁ ଦେଖାଇବେ ବୋଲି ମେଡିକାଲ୍ ବାରଣ୍ଡାରେ ଜଣେ ରୋଗୀଙ୍କୁ ଧରି ବସିଥିଲେ ଡେଲାଙ୍ଗରୁ ଆସିଥିବା ସୌଦାମିନୀ ଦାସ।

ଏ ହେଉଛି କ୍ୟାପିଟାଲ ହସ୍ପିଟାଲର ଘଟଣା। ସୌଦାମିନୀ ପୁରୀ ଜିଲ୍ଲା ଡେଲାଙ୍ଗରୁ ନିଜର ଜଣେ ସମ୍ପର୍କୀୟଙ୍କୁ ଧରି କ୍ୟାପିଟାଲ୍ ହସ୍ପିଟାଲ୍ ବାରଣ୍ଡାରେ ଡାକ୍ତରଙ୍କୁ ଦେଖାଇବାକୁ ଅପେକ୍ଷା କରିଥିଲେ। ସୌଦାମିନୀଙ୍କ ଭଳି ଅନେକ ରୋଗୀ ପ୍ରତିଦିନ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



କ୍ୟାପିଟାଲ ହସ୍ପିଟାଲ ରାଜ୍ୟର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାରୁ ନିତିଦିନ ହଜାର ହଜାର ରୋଗୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ରୋଗ ଦେଖାଇବା ପାଇଁ ଆସୁଛନ୍ତି। ଏଠାକୁ ଆସୁଥିବା ରୋଗୀମାନେ ନିଜ ରୋଗର ଯନ୍ତ୍ରଣା ଯେତେକି ପରିମାଣରେ ହେଉଛି। ତା'ଠାରୁ ଘଣ୍ଟା ଘଣ୍ଟା ଧରି ମେଡିକାଲ ବାରଣ୍ଡାରେ ଡାକ୍ତରଙ୍କ ପରାମର୍ଶ ପାଇଁ ଅପେକ୍ଷା କରିବା ରୋଗଠାରୁ ଅଧିକ ଯନ୍ତ୍ରଣାଦାୟକ ହେଉଛି। ରୋଗୀମାନେ କଷ୍ଟ ପାଇବା ସହ ନିଜ ସାଙ୍ଗରେ ଆସିଥିବା ସମ୍ପର୍କୀୟମାନେ ମଧ କଷ୍ଟ ପାଉଛନ୍ତି। ଡେଲାଙ୍ଗରୁ ଆସିଥିବା ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି, ଡାକ୍ତରଖାନା ଆସିଛୁ ରୋଗ ଦେଖାଇବା ପାଇଁ। ସକାଳୁ ନ ଖାଇ ନ ପିଇ ଅପେକ୍ଷା କରିବା ପାଇଁ ପ୍ରସ୍ତୁତ। କିନ୍ତୁ ଆବଶ୍ୟକତାରୁ ଅଧିକ ସମୟ ଅପେକ୍ଷା କରି ଧର୍ଯ୍ୟହରା ହୋଇଯାଉଛୁ ବୋଲି ସେ କହିଛନ୍ତି। ସୌଦାମିନୀଙ୍କ ଭଳି ଅନେକ ରୋଗୀ ହଇରାଣ ହେବା ଓ ଫେରିଯିବା ପଛର କାରଣ ହେଉଛି ଡାକ୍ତରଙ୍କ ଅଭାବ। ଦିନକୁ ଜଣେ ଜଣେ ଡାକ୍ତର ଶତାଧିକ ରୋଗୀ ଦେଖୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଜଣେ ଡାକ୍ତର ନିଜ ନାମ ଗୋପନ ରଖି କହିଛନ୍ତି। ଆବଶ୍ୟକ ଅନୁଯାୟୀ ଡାକ୍ତର ରହିଲେ ରୋଗୀ ଉପଯୁକ୍ତ ସୁବିଧା ପାଇପାରନ୍ତେ ବୋଲି ସେ କହିଛନ୍ତି।

ଆଜି ଭିନ୍ନକ୍ଷମ ମନୋରଞ୍ଜନ ଦିବସ

# ମନୋରଞ୍ଜନ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କ ସଫଳତା

ଭୁବନେଶ୍ୱର, ୧।୭(ସମିସ): ଶାରୀରିକ ଓ ମାନସିକ ସ୍ତରରେ ଭିନ୍ନକ୍ଷମ ହେଲେ ମଧ କ୍ରୀଡ଼ା, କଳା, ମନୋରଞ୍ଜନ ଆଦି ବିଭିନ୍ନ କ୍ଷେତ୍ରରେ ଏମାନେ ସାଧାରଣ ମଣିଷଙ୍କ ପାଦରେ ପାଦ ମିଶାଇ ଚାଲିବା ସାହସ କରିଛନ୍ତି ଏବଂ ସେଥିରେ ସଫଳ ମଧ ହୋଇଛନ୍ତି। ସମାଜରେ ବସବାସ କରୁଥିବା ଅନ୍ୟ ଭିନ୍ନକ୍ଷମଙ୍କ ମନରେ ଦୁର୍ବାର ଆଶା ସୃଷ୍ଟି କରିବାରେ ଏମାନେ ପ୍ରେରଣା ପାଲଟିଛନ୍ତି। ଆଜି ଭିନ୍ନକ୍ଷମ ମନୋରଞ୍ଜନ ଦିବସ ଅବସରରେ ସେଭଳି କିଛି ଭିନ୍ନକ୍ଷମ ପ୍ରତିଭାଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### ଆଶାବାଡ଼ିରେ ସୁନ୍ଦରୀ 'ତେଜସ୍ୱିନୀ'



ବଲିଉଡ ସିନେମା 'ତେଜସ'ରେ କଙ୍ଗନାଙ୍କ କାହାଣୀ ଠାରୁ କିଛି କମ୍ ନୁହେଁ ଭୁବନେଶ୍ୱରର ତେଜସ୍ୱିନୀଙ୍କ କାହାଣୀ। ନିଜର ଅକ୍ଳାନ୍ତ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଦିବ୍ୟାଙ୍ଗ ମହିଳାମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆମ୍ବରିକା ତେଜସ୍ୱିନୀ। ଆଶାବାଡ଼ିକୁ ଭରସା କରୁଥିବା ତେଜସ୍ୱିନୀ କେବଳ ଓଡ଼ିଶା ନୁହେଁ ବରଂ ରାଜ୍ୟ ବାହାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଗ୍ଲାମର୍ ଦୁନିଆରେ ପାଦ ରଖି ସେ ନିଜର ଶାରିରୀକ ଅକ୍ଷମତାକୁ ପଛରେ ପକାଇ ସୁନ୍ଦରୀ ପ୍ରତିଯୋଗିତାରେ 'ମିସ୍ ଇନସପିରେସନ୍' ପାଲଟିଛନ୍ତି। ପିଲାଦିନରୁ ପୋଲିଓରେ ଆକ୍ରାନ୍ତ ହୋଇ ସଳଖି ଛିଡ଼ା ହୋଇପାରନ୍ତିନି ତେଜସ୍ୱିନୀ। କିନ୍ତୁ ଗ୍ଲାମର ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା। ସେଥିପାଇଁ ସେ ଆଶା ବାଡ଼ି ଓ ହ୍ୱିଲ ଚେୟାର ଉପରେ ବସି ମଧ ନିଜର ସୁନ୍ଦରତାକୁ ବିଶ୍ୱଦରବାରରେ ପ୍ରତିପାଦିତ କରିପାରିଛନ୍ତି। ଯେଉଁ ପ୍ରତିଯୋଗିତାରେ ସାଧାରଣ ମହିଳା ଓ ଯୁବତୀମାନେ ଅଂଶଗ୍ରହଣ କରିଥିଲେ ସେଥିରେ ସାମିଲ ହୋଇଥିଲେ ତେଜସ୍ୱିନୀ। ଚାଲିବାକୁ ସକ୍ଷମ ହୋଇ ନଥିଲେ ଆଶାବାଡ଼ି ଧରି ସେ ପ୍ରତିଟି ସୋପାନରେ ସେ ବିଚାରକମାନଙ୍କ ହୃଦୟ ଜିତିଥିଲେ। ତାଙ୍କର ଆତ୍ମବିଶ୍ୱାସ ପାଇଁ ସେ 'ମିସ୍ ଇନସ୍ପିରେସନ୍' ଓ 'ମିସ୍ ଆମ୍ବାସ୍ୟାଡର' ଟାଇଟଲ ହାସଲ କରିଛନ୍ତି। କେବଳ ସେତିକି ନୁହେଁ କ୍ରୀଡ଼ା ଜଗତରେ ମଧ ତାଙ୍କର ବେଶ୍ ଲୋପ୍ରିୟତା ରହିଛି। +୨ ପାଠପଢ଼ା ସରିବା ସେ ଖେଳ ଦୁନିଆରେ ନିଜର ପାରଦର୍ଶିତା ଜାହିର କରିଛନ୍ତି। ଯାହା ତାଙ୍କୁ ଆଜି ଜଣେ ପାରା ଆଥେଟେଲ ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି। ଭଲିବଲ୍ ଖେଳରେ ଆଜି ଜଣେ ସେ ଜାତୀୟସ୍ତରରେ ପହଞ୍ଚି ପାରିଛନ୍ତି। ଜଣେ ସାଧାରଣ ମଣିଷ ଠାରୁ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ତେଜସ୍ୱିନୀ କହିଛନ୍ତି।

### ସାର୍ଥକଙ୍କ ସାର୍ଥକତା



ତାଙ୍କ ସ୍ୱରର ଯାଦୁରେ ଦର୍ଶକଙ୍କ ପ୍ରେକ୍ଷାଳୟରେ ବିମୁଗ୍ଧ ହେଉଥିବା ବେଳେ ତାଙ୍କ ଯାଦୁକରୀ ହାତର ସ୍ପର୍ଶରେ ଜୀବନ୍ତ ହୋଇ ଉଠେ ଅନେକ ଚିତ୍ର। ତାଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଦେଖିବାକୁ ଶହଶହ ଦର୍ଶକଙ୍କ ଭିଡ଼ ଜମେ। କେବଳ ସେତିକି ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ ସେ ବେଶ୍ ପାରଙ୍ଗମ। ବୟସ ମାତ୍ର ୧୫ ବର୍ଷ, ହେଲେ କାର୍ଯ୍ୟକଳାପ ତାଙ୍କର ଅବିସ୍ମୟ। ଯଦିଓ ସେ ସାଧାରଣ ମଣିଷଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ, କିନ୍ତୁ ନିଜର ଆତ୍ମବିଶ୍ୱାସ ଓ କାର୍ଯ୍ୟଦକ୍ଷତା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ମାନସିକ ଅକ୍ଷମତା କେବେ ବି ଶାରୀରିକ ସଫଳତାର ପ୍ରତିବନ୍ଧକ ସାଜିପାରେ ନାହିଁ ବୋଲି ପ୍ରମାଣିତ କରିଛନ୍ତି ମାନସିକ ବିକାରଗ୍ରସ୍ତ ଛାତ୍ର ସାର୍ଥକ ଦ୍ୱିବେଦୀ। ଜଟଣୀରେ ବାପା କୈଳାସ ଦ୍ୱିବେଦୀ ଏବଂ ମା' ସୁମିତା ଦ୍ୱିବେଦୀଙ୍କ ସହ ରୁହନ୍ତି ସାର୍ଥକ। ଚଳିତବର୍ଷ ୟୁନିଟ୍ ୯ ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ସ୍କୁଲରେ ସର୍ବାଧିକ ନମ୍ବର ରଖି ଚର୍ଚ୍ଚାକୁ ଆସିଥିଲେ ସାର୍ଥକ। ପିଲାଦିନରୁ ସାର୍ଥକଙ୍କର ମାନସିକ ଅକ୍ଷମତା ବଢ଼ିଚାଲିଥିବାରୁ ଉଭୟଙ୍କ ଚିନ୍ତା ବଢ଼ିଥିଲା। କିନ୍ତୁ ସମାଜରେ ପ୍ରତିଷ୍ଠା ଲାଭ କରିବାକୁ ଯେ, କେବଳ ମାନସିକ ସକ୍ଷମତା ଆବଶ୍ୟକ ତାହାକୁ ମୁଲ୍ ବୋଲି ପ୍ରମାଣିତ କରିଛନ୍ତି ସାର୍ଥକ। ବିଦ୍ୟାଳୟରେ ସାଧାରଣ ପିଲାଙ୍କ ଗହଣରେ ବସି ପାଠ ପଢ଼ିଥିବା ସାର୍ଥକଙ୍କ ସାର୍ଥକତା ଏବେ ଅନ୍ୟ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଏତେ କମ୍ ବୟସରୁ ସେ ହାସଲ କରିଛନ୍ତି ୨୦ରୁ ଅଧିକ ସମ୍ମାନ। ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ପରିବେଷଣ, ବକ୍ତୃତା, ଚିତ୍ରାଙ୍କନ, ଅଭିନୟ ଭଳି ବିଭିନ୍ନ କ୍ଷେତ୍ରରେ ସେ ଲାଭ କରିଛନ୍ତି ଅଭୁତପୂର୍ବ ସଫଳତା। ବିଶ୍ୱ ଭିନ୍ନକ୍ଷମ ଦିବସରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ନିକଟରେ ଓଡ଼ିଶା ସଙ୍ଗୀତ ବନ୍ଦେ ଉତ୍କଳ ଜନନୀରେ ନୃତ୍ୟ ପ୍ରଦର୍ଶନ କରି ସେ ଜାତୀୟ ସ୍ତରରେ ମଧ ପୁରସ୍କୃତ ହୋଇଛନ୍ତି। ସମାଜରେ ପ୍ରତିଷ୍ଠା କିମ୍ବା ସଫଳ ବ୍ୟକ୍ତିତ୍ୱ ପାଇଁ କେବଳ ଯେ, ସୁସ୍ଥ ମସ୍ତିଷ୍କ ଆବଶ୍ୟକ ନୁହେଁ ବରଂ ନିର ଆତ୍ମବିଶ୍ୱାସ ବଡ଼ ବୋଲି ସାର୍ଥକଙ୍କ ଅଭିଭାବକ ମହିଛନ୍ତି।

## ଦିବ୍ୟଦିଗନ୍ତ ପକ୍ଷରୁ ବନମହୋତ୍ସବ ସପ୍ତାହ

ଭୁବନେଶ୍ୱର, ୧୭(ସମିସ): ବନ ମହୋତ୍ସବ ସପ୍ତାହର ପ୍ରଥମ ଦିନରେ ଭୁବନେଶ୍ୱରର ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଇନ୍ଦିରା ଗାନ୍ଧୀ ପାର୍କଠାରେ ଔଷଧୀୟ ବୃକ୍ଷ ଯଥା-ଜାମୁକୋଳି, ବଉଳ, ବେଲ, ଲିମ୍ବ ଇତ୍ୟାଦି ଚାରା ଲଗାଇବା ସହ, ପଥଚାରୀମାନଙ୍କୁ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ମମତା ବିଶ୍ୱାଳ ଲୋକମାନଙ୍କୁ ବୃକ୍ଷ ସମ୍ବନ୍ଧୀୟ ସବୁଜ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାର ଅଜୀବନ ସଦସ୍ୟ ଅଶ୍ୱିନୀ କୁମାର ସାହୁ, ଶ୍ରୀ ବିଶ୍ୱପ୍ରକାଶ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭିଏସ୍‌ଏସ୍ ନଗରରେ ଡାକ୍ତର ଦିବସ

ଭୁବନେଶ୍ୱର, ୧୭(ସମିସ): ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ) ନଗରରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଲକ୍ଷ୍ମଣ କୁମାର ସାହୁଙ୍କୁ ଭିଏସ୍‌ଏସ୍ ନଗରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ, ଦୁର୍ଗାପୂଜା ସମିତିର ଉପ-ସଭାପତି ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଭୁବନେଶ୍ୱରୀ ମନ୍ଦିର କମିଟିର ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ସୁରେନ୍ଦ୍ର ସାଏ ସ୍ମୃତି ସଦନ ପକ୍ଷରୁ ମଳୟ ରଥ, ଅଜୟ ଜେନା ଓ ଯୋଗ ପ୍ରଶିକ୍ଷିକା ରଞ୍ଜିତା ନାୟକ ଆଦି ଜାତୀୟ ଡାକ୍ତର ଦିବସରେ ସାମିଲ ହୋଇଥିଲେ।

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୭(ସମିସ): ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସହୀଦ ନଗର ଦୁର୍ଗାପୂଜା ମଣ୍ଡପ ପଡ଼ିଆରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରାଦ୍ଧ ଉତ୍ସବର ପ୍ରଥମାର୍ଦ୍ଧରେ ସ୍ମୃତି ଗ୍ରନ୍ଥ 'ଜନପ୍ରିୟ ଜଗନ୍ନାଥ' ଉନ୍ମୋଚିତ ହୋଇଥିଲା। ସାମ୍ବାଦିକ ରବି ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ସାହିତ୍ୟିକ ଓ ସାମ୍ବାଦିକ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଡାକ୍ତର ମହାପାତ୍ରଙ୍କ ଘନିଷ୍ଠ ବନ୍ଧୁ ଭଞ୍ଜ ସାହିତ୍ୟ ବିଶାରଦ ଡ. ଶୈଳେଶ୍ୱର ନନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ୟାପିଟାଲ ହାଇସ୍କୁଲର ୨୦୨୪ ମସିହାର ମାଟ୍ରିକ ଟପ୍ପର ଶ୍ୟାମଳୀ ଗୀତାଞ୍ଜଳି ସର୍କାରଙ୍କୁ ପ୍ରଥମ ଡ. ଜଗନ୍ନାଥ ମହାପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସାହିତ୍ୟିକ ଶତ୍ରୁଜିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ମହାପାତ୍ରଙ୍କ ପୁତ୍ର ଡ. ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

